ଗା।୧୨୭

# ଦିଲ୍ଲୀ ସିଂହାସନ



ବିଭିନ୍ନ ସୌଖିନ୍
ନାଟ୍ୟସଂସ୍ଥା ଦ୍ୱାରା
ବହୁବାର ଅଭିନୀତ

# ଦିଲ୍ଲୀ ସିଂହାସନ

( ଐତିହାସିକ ନାଟକ )

ଲେଖକ

ଶ୍ରୀଯୁକ୍ତ [illegible] ଚନ୍ଦ୍ର ସିଂହ

ନଂ. 1927

ପ୍ରକାଶକ

ଶରତଚନ୍ଦ୍ର ପଣ୍ଡ

ପ୍ରକାଶକ

ଶ୍ରୀ ଶରତ୍‌ଚନ୍ଦ୍ର ପତି

ଦି ମଡର୍ଣ୍ଣ ବୁକ୍ ଷ୍ଟୋର

ବାଲୁବଜାର, କଟକ-୨

ଲେଖକ

ଶ୍ରୀ ତ୍ରିପୁରାରି ଶ୍ରୀ ଚନ୍ଦନ ସିଂହ, ବି. ଏ.

ଜୟକୃଷ୍ଣ ସାହିତ୍ୟ କୁଟୀର

ପାପସରା ଆଠମଲ୍ଲିକ, ଢେଙ୍କାନାଳ

ପ୍ରଚ୍ଛଦପଟ

ଶ୍ରୀ ଅସୀତ୍ ମୁଖାର୍ଜୀ

ନୂତନ ମୁଦ୍ରଣ

୧୯୭୦

ମୂଲ୍ୟ ଟ ୨-୦୦

ନିଜ କଲମରୁ ଧାରେ ;

ବନ୍ଦିନୀ ସିଂହାସନ "ବୀରକେଶରୀ" ନାମରେ ପ୍ରଥମେ ଅଭିନୀତ ହେଲା ଢେଙ୍କାନାଳ ଜିଲ୍ଲାର ସରକାରୀ ଉଚ୍ଚ ବିଦ୍ୟାଳୟ ତଳମୂଳରେ, ତା'ପରେ ମୟୂରଭଂଜ ଜିଲ୍ଲାର ସାନୁକରକ ହାଇ-ସ୍କୁଲରେ, ଜଗନ୍ନାଥ ଖୁଣ୍ଟା ହାଇସ୍କୁଲ, ଆଠମଲ୍ଲିକ ହାଣ୍ଡପା ମି. ଇ. ସ୍କୁଲ ଓ ହାଇ ସ୍କୁଲ ଏବଂ ଶେଷରେ ପୁନଃ ସମଦେଓ ହାଇ ସ୍କୁଲ ଆଠମଲ୍ଲିକ, ଜଗନ୍ନାଥ ଖୁଣ୍ଟା ଯୁବକ ସଂଘ, ପୁରୁଣାସାହି ଯୁବକ ସଂଘରେ ।

ନଂ. 1927
21/5/71

ପଦେ ....

ଇତିହାସର ଭଗ୍ନ ଶିଳାପରେ ଯେଉଁମାନଙ୍କର ଅମର କବର ରଚିଯାଏ—
ଯେଉଁମାନେ ଯୁଗଜନ୍ମା— ଚିରନ୍ତନ ଶାଶ୍ୱତ ଗୀତିକା ବୋଲନ୍ତି ଜାତିର କଣ୍ଠରେ— ସେଇମାନଙ୍କ ପୂଜା କରୁଛି ...
ଇତିହାସର କେତୋଟି ପୃଷ୍ଠା ଉପରେ ବିପ୍ଳବର ଝଡ଼ ଆଉ ଆଲୋଡ଼ନ ସୃଷ୍ଟିକରି ......

ଲେଖକ......

# ଦିଲ୍ଲୀ ସିଂହାସନ

## "ଏଗାରଶ ବୟାନବେ-୧୧୯୨"

**ପୁରୁଷ**—(୧) ରାଜା ଜୟଚନ୍ଦ୍ର

(୨) ସେନା ପତି

(୩) ପ୍ରଥମ ଯୁବରାଜ ବା ରାଜପୁତ

(୪) ଦ୍ୱିତୀୟ ଯୁବରାଜ ବା ରାଜପୁତ

(୫) ନଗର ରକ୍ଷକ— (ରକ୍ଷୀ)

(୬) ପ୍ରଥମ ନଗରବାସୀ ବା ଗ୍ରାମବାସୀ···

(୭) ଦ୍ୱିତୀୟ ନଗରବାସୀ ବା ଗ୍ରାମବାସୀ···

(୮) ପ୍ରଥମ ସିପାହୀ— ପରମ୍ ସିଂହ

(୯) ଦ୍ୱିତୀୟ ସିପାହୀ— ଧରମ୍ ସିଂହ

(୧୦) ରାଜା ପୃଥ୍ୱୀରାଜ

(୧୧) ବୃଦ୍ଧ ସେନାପତି— ଅମର୍ଷି

(୧୨) ଦୂତ—

(୧୩) ଯବନ ରାଜ — ମହମ୍ମଦ ଘୋରି

(୧୪) ସେନାପତି — କୁତବ୍

**ସ୍ତ୍ରୀ**—(୧୫) ସଂଯୁକ୍ତା

ନଂ 1227

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

[ ରାଜା ଜୟଚନ୍ଦ୍ର ପ୍ରାସାଦର ଦକ୍ଷିଣପ୍ରାନ୍ତ ପ୍ରାଙ୍ଗଣ ଉପରେ ଘୂର୍ଣ୍ଣିମାନ—ରବିର ପ୍ରାୟ ଅର୍ଦ୍ଧାଂଶ—ଦୂରରୁ ବଲୁଆର କୁହାଟ—ଝିଙ୍କାରିର ଝିଂ···ଝିଂ···ଶବ୍ଦ ]

ଜୟଚନ୍ଦ୍ର—ଓଃ ! କି ଅପମାନ, କି ଲଜ୍ଜା, କି ନିଦାରୁଣ ବିଷୟ ! ଲକ୍ଷାଧିକ ବୀର ରାଜପୁତଙ୍କ ବାହୁ କବଳରୁ ସେ ପଳାୟନ କଲା ? ଆଉ ଭୀରୁ, କା'ପୁରୁଷ ରାଠୋର ବଂଶଜ ବୀର ମଥାପାତି ସହ୍ୟ କଲେ ? ଧିକ୍ ଧିକ୍‌ରେ ବୀରବୃନ୍ଦ ! ସାମାନ୍ୟ ପୃଥ୍ୱୀରାଜର ଛରବାଣୀକୁ ତୁମେ ଭୟକଲ ? ଭୟକଲ ବୀରବୃନ୍ଦ ! କେବଳ ସାନିଧରେ ରହି ମନମୁଗ୍ଧକର ବାକ୍ୟାଳାପ କରି ନିଜ ବୀରତ୍ୱର ପରିଚୟ ଦିଅ ! ଏବେ ଜାଣିଲି ··· ତୁମେ କା'ପୁରୁଷ ··· ପଳାତକ ··· ନିର୍ଲଜ୍ଜ ଭୀରୁଗଣ ! ଏଁ (ଆଶ୍ଚର୍ଯ୍ୟ) ଶତାଧିକ ବୀରବୃନ୍ଦ ତ ଥିଲେ ? ଭାରତର ବୀରବୃନ୍ଦ ! ସେମାନେ ତ କାହିଁ ପ୍ରତିରୋଧ କରିପାରିଲେ ନାହିଁ ? ତେବେ କ'ଣ କ୍ଷତ୍ରିୟଗଣ ହୀନବୀର୍ଯ୍ୟ ? ହୀନବୀର୍ଯ୍ୟ ? ସମଗ୍ରଭାରତ ଆଜ ନିକ୍ଷତ୍ରୀୟ ! କାହିଁ··· ? କାହିଁ ତେବେ ବୀର ପରଶୁରାମ, ଯା'ର ପରଶୁ ନିକ୍ଷତ୍ରୀୟ କରିଥିଲା ବଂଶ ଏକବାର !

( ଚତୁର୍ଦ୍ଦିଗକୁ ଚାହିଁ କମରରୁ ନିଜ ତରବାରୀ ବାହାର କରି )

ଆଃ ! (ତରବାରୀକୁ ଚାହିଁ) ତୁ ପରା ସେଦିନ ଶତ୍ରୁର ବକ୍ଷରେ କଂପନ ସୃଷ୍ଟି କରିଥିଲୁ ? ଆଉ, ଆଜି ମାରିବ କାହିଁକି ? ମାରିବ ? ନା···ନା···ନା···ମାରିବ ନୁହେଁ,······ ସ୍ଥାପ୍ତି ନୁହେଁ······ ଦେଇଛୁ, ଅନେକ ପରୀକ୍ଷା ଦେଇଛୁ ! ଆତଙ୍କ ସୃଷ୍ଟି କରିଛୁ ରାଠୋର ବଂଶଜ ବୀରଙ୍କ ମଧ୍ୟରେ, ଯବନର ସେଇ ଗର୍ବିତ ବକ୍ଷରେ ବଜ୍ର ନିକ୍ଷେପ କରିଛୁ··· କିନ୍ତୁ, ଏ କ'ଣ ? ଏ କ'ଣ ? (ଆଶ୍ଚର୍ଯ୍ୟ) ଲୌହ ସମ ବାହୁ ମମ କଂପୁ ଛି କାହିଁକି ? ଏଁ··· ଏଁ···

( ନଗର ରକ୍ଷକର ପ୍ରବେଶ—ସର୍ବାଙ୍ଗ କଳା ରାତି ପୋଷାକରେ ଆବୃତ—କମରରେ ଖଡ଼ଗ୍ ଓ ହାତରେ ଏକ ବିରାଟ ବର୍ଚ୍ଛା )

ନଗର ରକ୍ଷକ—କିଏ ? କିଏ ଏ ନିର୍ଜନ ସ୍ଥଳରେ, ଶତ୍ରୁ କି ମିତ୍ର ? କୁହ ··· କୁହ ନଚେତ୍ (ଉଚ୍ଚ କଣ୍ଠରେ)

ଜୟଚନ୍ଦ୍ର—ରକ୍ଷୀ !

ନ: ରକ୍ଷକ—(ରାଜା ଜୟଚନ୍ଦ୍ରଙ୍କ କଣ୍ଠସ୍ୱର ଜାଣି) ମହାରାଜ, ଦୋଷାଦୋଷ କ୍ଷମା ହେଉ ପ୍ରଭୁ ! ହଜୁରଙ୍କୁ ଏ ଅନ୍ଧକାର ରାତ୍ରିରେ ଚିହ୍ନି ନ ପାରି ଏପରି କର୍କଶ କଣ୍ଠରେ ପ୍ରଶ୍ନ ପଚାରିଛି । (ରାଜାଙ୍କ ଗୋଡ଼ ତଳେ ପଡ଼ିଯିବା)

ଜୟଚନ୍ଦ୍ର—ରକ୍ଷୀ !

କାହିଁ ? ମୁଁ ତ ଜାଣି ନାହିଁ ? ଉଠ, ତୁମର କୌଣସି ଦୋଷ ହୋଇନାହିଁ—ଯାହା ବା ହୋଇଛି, ତାହା ତୁମ କର୍ତ୍ତବ୍ୟର ତାଡ଼ନାରେ । (ଉଠାଇ)

ଓ/1927 

ନ: ରକ୍ଷକ—(ଉଠି ଶିର ଅବନତ କରି)
ମହାରାଜ !

ଜୟଚନ୍ଦ୍ର—ରକ୍ଷୀ, କହିପାରିବ, ସେଦିନ କାହିଁକି ରାଜପୁତ-ବୀରମାନେ ସଂଯୁକ୍ତାର ସ୍ୱୟମ୍ବର ସଭାରେ ଛନ୍ଦଭଙ୍ଗ ଦେଲେ ?

ନ: ରକ୍ଷକ—ହଁ, ମହାରାଜ !
ସେଦିନ ଫାଟକ ଓ ନଗରର ଚତୁର୍ଦ୍ଦିଗରେ ମୁଁ କଡ଼ା ପ୍ରହରୀର ଆୟୋଜନ କରିଥିଲି—କିନ୍ତୁ ସବୁ ସତ୍ତ୍ୱେ ବି ଚୌହାନ ବୀରମାନେ ଅତର୍କିତ ଭାବରେ ପ୍ରବେଶ କଲେ । ତା'ପରେ ତେମାଙ୍କୁ ନେଇ ପୃଥ୍ୱୀରାଜ ପଳାୟନ କଲେ ଶୀଘ୍ର ଗତିରେ ତାର ତରବାରୀକୁ ନଚାଇ·· ନଚାଇ··· । ସଭାସଦ୍ ଉପରକୁ ଶହ ଶହ ଚୌହାନ ବୀର ସିଂହପରି ଝାମ୍ପ ଦେଲେ ······ ସେମାନଙ୍କର ପ୍ରାଣମୂର୍ଚ୍ଛା ତରବାରୀର ଗୁଳନା ·······

ଜୟଚନ୍ଦ୍ର—(ଉତ୍ତେଜିତ ହୋଇ)
ବନ୍ଦକର ! ବନ୍ଦକର ତୁମ କହିବାର ଭଙ୍ଗୀ ! ତୁମେ ମୋ' ନଗରର ଶ୍ରେଷ୍ଠ ରକ୍ଷୀ , ଆଉ, ତୁମ ହାତରେ ସେଦିନ ଦିଆଯାଇଥିଲି ଦଶହଜାର ଅଶ୍ୱାରୋହୀ ସୈନ୍ୟ ! କିନ୍ତୁ··· ? କିନ୍ତୁ··· କାହିଁ ? ତୁମରି ସମ୍ମୁଖରେ ସଂଯୁକ୍ତାକୁ ଅଶ୍ୱପୃଷ୍ଠରେ ଧରି ପଳାୟନ କଲା ? ତୁମେ ସବୁ ରାଠୋର ବଂଶର ନିମକ୍‌ହରାମ୍ ······

ନ: ରକ୍ଷକ—ମହାରାଜ ! (ଶିର ଅବନତ କରି)
ନିମକ୍‌ହରାମ୍ ନୋହୁଁ······ । ଏପରି ଅସମ୍ଭବ ଘଟଣାକୁ କେହି କେବେ ବିଶ୍ୱାସ କରି ନ ଥିଲେ ! ତା ଛଡ଼ା, ଭାରତର

ବହୁ ବୀର, ବହୁ ଯୋଦ୍ଧା, ବହୁ ମଲ୍ଲ ଓ ବହୁ ସଂଖ୍ୟକ ରାଜପୁତ ଥିଲେ ।

ଜୟଚନ୍ଦ୍ର—(ନଗର ରକ୍ଷକର ସାନ୍ନିଧକୁ ଆସି—କ୍ଷଣେ ଚିନ୍ତାକରି) ଶୁଣ, ଗୋଟିଏ କାର୍ଯ୍ୟ କରିପାରିବ ?

ନ: ରକ୍ଷକ—ନିଶ୍ଚୟ ହଜୁର ! ତୁମ୍ଭଙ୍କର ସେବାପାଇଁ ଜୀବନ ମଧ୍ୟ ବିସର୍ଜନ କରିବି......

ଜୟଚନ୍ଦ୍ର—ଯାଅ,... ଅଶ୍ୱଶାଳାରୁ ଏକ ଶକ୍ତିଶାଳୀ ଅଶ୍ୱ ନେଇ ଆସ... ତା'ପରେ ମୋର ଚରମ ଆଦେଶ...

ନ: ରକ୍ଷକ—ମହାରାଜ ! (ପ୍ରସ୍ଥାନ)

ଜୟଚନ୍ଦ୍ର—ହିଂସା ... ପ୍ରତିହିଂସା ... ପ୍ରତିଶୋଧର ବହ୍ନି ଜଳୁଛି । ନିର୍ବାପିତ ହେବନାହିଁ କେବେ— କେବଳ ହିଁ ଚାହିଁଛି ପୃଥ୍ୱୀରାଜର ବିନାଶ... ପରାଜୟ ! ଯେଉଁଦିନ ସେ ହେବ ଏ ହସ୍ତରେ ବନ୍ଦୀ, ସେହିଦିନ ପାଇବି ମୁଁ ଶାନ୍ତି ... ମହାଶାନ୍ତି ! ସେହି ଦିନ ନିର୍ବାପିତ ହେବ ମୋର ହୃଦୟର ଜ୍ୱାଳା ।

(ପ୍ରାନ୍ତରର ଅନ୍ୟ ପ୍ରାନ୍ତକୁ ଚାଲିଯିବା—ଜୟଚନ୍ଦ୍ର ରାଜାଙ୍କ ସେନାପତି ନିଜର କେତେକ ବିଶ୍ୱସ୍ତ ରାଜପୁତଙ୍କୁ ନେଇ ବିପରୀତ ଦିଗରୁ ପ୍ରବେଶ )

ସେନାପତି—ମହାରାଜ ସର୍ବଦା ଚିନ୍ତାକୁଳ ! ଲଜ୍ଜା ଓ ଅପମାନରେ ଶିରକୁ ଅବନତ କରି ରଖିଛନ୍ତି— ଯେଉଁ ସଂଯୁକ୍ତାକୁ କ୍ଷଣକାଳ ଅନ୍ତର କରୁ ନ ଥିଲେ, ଶେଷରେ ସେ ବି ପଳାୟନ କଲା ପିତାର ଶତ୍ରୁ ହାତରେ ! ଆଜନ୍ମ ପିତାର ଶତ୍ରୁକୁ ସଂଯୁକ୍ତା ଯେ ଚିହ୍ନି ପାରିଲା ନାହିଁ, ଏ ହେଲା ଦୁଃଖ ଓ ପରିତାପର ବିଷୟ । ହୁଏତ ଆଜି ଆଉ କେଉଁ କନ୍ୟା ହୋଇଥିଲେ ପିତାର

ଶତ୍ରୁ ବକ୍ଷରେ ଛୁରି ନିକ୍ଷେପ କରି ରଣଚଣ୍ଡୀ ଆଉ ଭୈରବୀ ମୂର୍ତ୍ତିରେ ରକ୍ତପାନ କରିଥାନ୍ତା···ମାତ୍ର ସଂଯୁକ୍ତା···ସଂଯୁକ୍ତା··· ସଂଯୁକ୍ତା···ପିତାଙ୍କର ମାନ ସମ୍ମାନକୁ ପାଦରେ ଦଳି ଶେଷରେ ରାଠୋର ବଂଶ ମୁଖରେ କଳଙ୍କ ବୋଳିଲା କାହିଁକି ? ତୁମରି-ପାଇଁ ଆଜି ଗୋଟିଏ ଉନ୍ନତ ରାଜବଂଶ ଗହ୍ବର ଭିତରକୁ ଖସି ପଡ଼ୁଛି ।

୧ମ ରାଜପୁତ—ପ୍ରେମ ସମସ୍ତଙ୍କୁ ପାଗଳ କରେ । ସଂଯୁକ୍ତା ଅନ୍ୟାନ୍ୟ ବଂଶଜକୁମାରଗଣଙ୍କୁ ଘୃଣା କରେ । ଆଉ କାହାକୁ ସୁଦ୍ଧା ବୀରରୂପରେ ପୂଜା କରେ ନାହିଁ । ଶୁଣିଛି, ସେ କେବଳ ପୃଥ୍ୱୀରାଜର ବୀରତ୍ୱକୁ ଶୁଣି ପତି ରୂପେ ମନେ ମନେ ବରଣ କରିଛି ଏବଂ ସନ୍ଦେଶ ବି ଦେଇଥିଲା ପୃଥ୍ୱୀରାଜଙ୍କ ନିକଟକୁ ଠିକ୍ ସ୍ୱୟମ୍ବର ପୂର୍ବରୁ ।

ସେନାପତି—ଏ କ'ଣ ସତ୍ୟ ?

୨ୟ ରାଜପୁତ—ହଁ ହଁ ସତ୍ୟନୁହେଁ କ'ଣ ମିଥ୍ୟା ? ସଂଯୁକ୍ତା ସାମାନ୍ୟ ନାରୀ ହୋଇ ଆମପରି ଯୁବରାଜମାନଙ୍କୁ ଅପମାନ ଦେଇଛି ।

୧ମ ରାଜପୁତ—ଆଉ ତାର ପ୍ରତିକାର ?

୨ୟ ରାଜପୁତ—ପ୍ରତିକାର କେବଳ ତରବାରି ! ରାଜପୁତ ଜାଣେ ତରବାରିର ପ୍ରତିକାର ! ଯେଉଁଦିନ ପୃଥ୍ୱୀରାଜର ଶିରଚ୍ଛେଦ କରି ବିଜୟ ଉଲ୍ଲାସରେ ରଣହୁଙ୍କାର ଦେଉଥିବି, ଆଉ ଗର୍ବିତା ସଂଯୁକ୍ତାର ଚକ୍ଷୁରେ ଅଶ୍ରୁ ଦେଖିବି, ସେଇଦିନ ମୁଁ ହସିବି·····

୧ମ ରାଜପୁତ—ସେଇଥିପାଇଁ ହେବ ବୀରର ଉପଯୁକ୍ତ ଦାନ......

(ଅଶ୍ୱପୃଷ୍ଠରେ ନଗର ରକ୍ଷକ ପ୍ରବେଶ)

ନ: ରକ୍ଷକ—(ଅଶ୍ୱପୃଷ୍ଠରୁ ଅବତରଣ କରି)
ମହାରାଜ ! (ଆଶ୍ଚର୍ଯ୍ୟ)
ମହାରାଜ କାହିଁ ?

ସେନାପତି—ତୁମେ କି ପାଗଳ ?

ନ: ରକ୍ଷୀ—ପାଗଳ ନୁହେଁ ସେନାପତି, ପାଗଳ ନୁହେଁ । ମହାରାଜ ସ୍ୱୟଂ ଏଠାରେ ଥିଲେ ।

୧ମ ରାଜପୁତ—ତୁମେ ସ୍ୱଚକ୍ଷୁରେ ଦେଖିଚ ?

ନ: ରକ୍ଷୀ—ହଁ, ମିଥ୍ୟା କହିବାରେ ଅଭିପ୍ରାୟ ?

୨ୟ ରାଜପୁତ—ଅନେକ ସମୟରେ ନଗରରକ୍ଷକମାନେ ନିଦ୍ରାରେ ନିମଜ୍ଜିତ ଥାଇ, କୌଣସି ଏକ ସ୍ୱପ୍ନଦେଖି ପ୍ରଳାପ କରନ୍ତି ।

ନ: ରକ୍ଷୀ ଯୁବରାଜ !
ଯେଉଁ ନଗରରକ୍ଷକ ହାତରେ ନଗରର ଶ୍ରୀ, ମାନ, ସମ୍ମାନ ନିର୍ଭର କରେ, ସେ ଏତେ ବିଶ୍ୱାସଘାତକ ନୁହେଁ—ସେ ଯାହାର ନିମକ୍ ଖାଏ, ତାହାର ନିମକ୍ ହରାମ ହୁଏ—ସେପରି ନ ହୋଇ ଥିଲେ ଜୟଚନ୍ଦ୍ରଙ୍କ ପରି ମହାରାଜ ତାଙ୍କର ନଗର ରକ୍ଷାଭାର ମୋ' ଉପରେ ସମର୍ପଣ କରି ନ ଥାନ୍ତେ ।

( ଅନ୍ୟଦ୍ୱାରରୁ ମହାରାଜ ଜୟଚନ୍ଦ୍ରଙ୍କର ପ୍ରବେଶ—ସମସ୍ତେ ମହାରାଜଙ୍କୁ ସମ୍ମାନ ଅର୍ପଣ କରିବା )

ଜୟଚନ୍ଦ୍ର—(ରାଗରେ କଂପମାନ ହୋଇ)

ତୁମେ ବି କର୍ତ୍ତବ୍ୟରେ ଅବହେଳା କରୁଛ ? (ସେନାପତିଙ୍କୁ ଚାହିଁ) ରାଠୋର ବଂଶୀୟ ପ୍ରତ୍ୟେକ ବୀର, ପ୍ରତ୍ୟେକ ରାଜପୁତ ଆଜ ସୁପ୍ତ···ପଳାତକ···ଘୃଣ୍ୟ······ ।

୧ମ ରାଜପୁତ—(କଂପିତ କଣ୍ଠରେ)'

ମହାରାଜ !

ରାଠୋର ରାଜପୁତବୀର ସୁପ୍ତ ନୁହନ୍ତି,—ଯା'ର ତରବାରର ଝଲନା କୋଟି କୋଟି ଶତ୍ରୁର ବକ୍ଷରେ ଆଗ୍ନେୟିକାର ରୁଦ୍ର କଂପନ ସୃଷ୍ଟି କରନ୍ତି, ସେଇ ରାଜପୁତ କେବେ ସୁପ୍ତ ହୋଇ ନ ପାରେ ।

ଜୟଚନ୍ଦ୍ର—(କଂପି)

କେବଳ ବାଗ୍‌ଜାଲ ! ବାଗ୍‌ଜାଲ କରି ଶିଖିଛ ରାଠୋର ବଂଶଜବୀର ! ଯଦି ତୁମ ଧମନୀରେ ବୀରରକ୍ତ ପ୍ରବାହିତ ହେଉଥାନ୍ତା, ତେବେ ଉଦ୍ଧାର କରିପାରିଥାନ୍ତ ସଂଯୁକ୍ତାକୁ ମୋର । ମାତ୍ର, କାହିଁ, କାହିଁ ତୁମର ତରବାରର ଶକ୍ତି ? ଘୂମାୟିତ ··· ଘୁମାୟିତ ସବୁ··· (ବ୍ୟଙ୍ଗ)

୨ୟ ରାଜପୁତ—(କମରରୁ ତରବାରି ବାହାର କରି)

ଏଇ, ଶପଥ ନେଉଛୁ ମହାରାଜ, ଅବିଳମ୍ବେ ବନ୍ଦୀ କରାଇବୁ ଆମେ ସେଇ ପଳାତକ ବୀରେ । ଆଉ ଲୌହ ଶିକୁଳି ପିନ୍ଧି ଛୁଞ୍ଚାହେବ କା'ପୁରୁଷ ପୃଥ୍ୱୀରାଜ । ଦସ୍ୟୁପରି ଏକ ନିରୀହା ବାଳିକାକୁ ଅଶ୍ୱପୃଷ୍ଠରେ ଧରି ପଳାୟନ କରିବା କେବେ ଗୌରବ, ବା ପୌରୁଷତ୍ୱର ପରିଚୟ ନୁହେଁ ବୀର ଯିଏ ସନ୍ମୁଖ ଯୁଦ୍ଧରେ ପରୀକ୍ଷା ଦେଇ ନିଜର ବିଜୟକେତନ ଉଡ଼ାଏ ।

୧ମ ରାଜପୁତ—ଗନ୍ଧର୍ବର ଚୂର୍ଣ୍ଣକର ବାହୁବନ୍ଧନରେ ସଂଯୁକ୍ତା ଉଦ୍ଧାର ପାଇଁ କରୁଚୁ ଶପଥ ।

ସେନାପତି—ସେହି ଶପଥ ··· ସେଇ ଶପଥ ନଅ ବୀରବୃନ୍ଦ ! ମହାରାଜଙ୍କ ସମ୍ମାନକୁ ବଜାୟ ରଖ ।

ଜୟଚନ୍ଦ୍ର—ମୁଁ ଏକ ପ୍ରସ୍ତାବ ଆଣିଛୁ, ବୀରବୃନ୍ଦ !

ସେନାପତି—ହଜୁର !

ଜୟଚନ୍ଦ୍ର—ରକ୍ଷୀ ଯାଉଛି, ମୁସଲମାନବୀର ମହମ୍ମଦଘୋରୀଙ୍କୁ ନିମନ୍ତ୍ରଣ କରିବାପାଇଁ—ମୁଁ ତାଙ୍କୁ ପୃଥ୍ୱୀରାଜଙ୍କ ବିରୁଦ୍ଧରେ ପ୍ରୟୋଗ କରିବି···

୨ୟ ରାଜପୁତ—କାହିଁକି ? ଆମ୍ଭେ ?

ଜୟଚନ୍ଦ୍ର—ଚୌହାନବୀର ପୃଥ୍ୱୀରାଜ ଆମକୁ ପରାସ୍ତ କରିବ ।

୧ମ ରାଜପୁତ—କ୍ଷତି, ବହିଃଶତ୍ରୁ ଦେଶପକ୍ଷେ କ୍ଷତିକାରକ ।

ଜୟଚନ୍ଦ୍ର—ହଁ, କ୍ଷତିକାରକ; ମାତ୍ର ଶତ୍ରୁକୁ ଅନ୍ୟ ଏକ ବଳଶାଳୀ ଶତ୍ରୁ ହାତରେ ମରାଇବା କମ୍ ଗୌରବ ନୁହେଁ ? ମୋର ମନେହୁଏ ଯବନବୀର ମହମ୍ମଦଘୋରୀ ଯୁଦ୍ଧରେ ଜୟୀ ହେବ ।

୧ମ ରାଜପୁତ—ମାତ୍ର, ଜଣେ କ୍ଷତ୍ରିୟ ଚୂଡ଼ାମଣିଙ୍କୁ ଯବନ ହାତରେ ବନ୍ଦୀ କରାଇବା ମୋର ଅଭିପ୍ରାୟ ନୁହେଁ ।

ଜୟଚନ୍ଦ୍ର—(ରାଗରେ) ତେବେ, ତୁମର ଅଭିପ୍ରାୟ ?

୧ମ ରାଜପୁତ—ନିଜେ ଯୁଦ୍ଧ କରିବୁଁ—

ଜୟଚନ୍ଦ୍ର—ତୁମେମାନେ ଖାରୁ······ପଳାତକ······ । ସେଦିନ ତ ସ୍ୱୟମ୍ବର ସଭାରୁ କନ୍ୟାକୁ ଧରି ପଳାୟନ କଲା, କାହିଁ ତୁମର ବଳବୀର୍ଯ୍ୟର ପରାକାଷ୍ଠା ? ପୁଣି ଆଜି କେଉଁ ମୁଖରେ ଯୁଦ୍ଧ କରିବ ? ପୃଷ୍ଠ ଭଙ୍ଗକାରୀ ଖାରୁର ମୃତ୍ୟୁ ଶ୍ରେୟସ୍କର ।

ସେନାପତି—ଠିକ୍ ମହାରାଜ!

"କଣ୍ଟକେନୈବ କଣ୍ଟକଂ"

ଜୟଚନ୍ଦ୍ର—ରକ୍ଷୀ, ନିଅ, ନିଅ ଏହି ଅଭିନନ୍ଦନ ପତ୍ର—କହିବ, ରାଠୋରସୂର୍ଯ୍ୟ ମହାରାଜ ଶ୍ରୀ ଜୟଚନ୍ଦ୍ରଙ୍କ ଆବେଦନ—ପୁନର୍ବାର ପନ୍ଦର ହଜାର ରାଠୋର ରାଜପୁତ ଅଶ୍ୱାରୋହୀ ତାଙ୍କୁ ଯୁଦ୍ଧକ୍ଷେତ୍ରରେ ସାହାଯ୍ୟ କରିବେ—ଯାଅ ··· ଶୀଘ୍ର ଯାଅ···ତଡ଼ିତ୍ ବେଗରେ ଯାଅ···

ରକ୍ଷୀ—(ଅଭିବାଦନ ପତ୍ର ନେଇ ରାଜାଙ୍କୁ ପ୍ରଣାମ କରି ଅଶ୍ୱ-ପୃଷ୍ଠରେ ପ୍ରସ୍ଥାନ କରିବା)

ଜୟଚନ୍ଦ୍ର—ଯାଅ, ବିଶ୍ରାମ ନିଅ—ଯବନବୀର ମହମ୍ମଦ ଘୋରିଙ୍କୁ ସାହାଯ୍ୟ ଦେବ।

ସେନାପତି—ହଜୁର! (ପ୍ରସ୍ଥାନ)

—ପରଦା—

## ପ୍ରଥମ ଅଙ୍କ—ଦ୍ୱିତୀୟ ଦୃଶ୍ୟ

[ ରାଜପଥ ଉପରେ ଦୁଇ ଜଣ ନଗରବାସୀ—ମୁଣ୍ଡରେ ବଡ଼ ବଡ଼ ଦୁଇଟା ଠେକା—କାନ୍ଧରେ ଗୋଟାଏ ଗଣ୍ଠୁଲି ଏବଂ ହାତରେ ଖଣ୍ଡିଏ ଲେଖାଏଁ ବଙ୍କା ବାଡ଼ି ]

୧ମ ନ: ବାସୀ—ଏଁ ଗଲି କୁଆଡ଼େ? (ଏପାଖ ସେପାଖ କ'ଣ ଖୋଜିବା)

୨ୟ ନ: ବାସୀ—କହୋ, କ'ଣ ଖୋଜୁଛ?

୧ମ ନ: ବାସୀ – ଏକ ବୃହତ୍ତ ମୂଲ୍ୟବାନ ଜିନିଷ ।

୨ୟ ନ: ବାସୀ —କ'ଣ, ଅନେକ ମୂଲ୍ୟ ?

୧ମ ନ: ବାସୀ—ହଁ, ହଁ, ଅକଳନା ······

୨ୟ ନ: ବାସୀ— କେତେ ?

୧ମ ନ: ବାସୀ – ପ୍ରାୟ ପାଞ୍ଚଲକ୍ଷ ·····

୨ୟ ନ: ବାସୀ—ମୁଁ ବି ଖୋଜିବି ?

୧ମ ନ: ବାସୀ—ଖୋଜ······

୨ୟ ନ: ବାସୀ—କିପରି ଜିନିଷ ?

୧ମ ନ: ବାସୀ—କହ୍ଲପଗ, ମୂଲ୍ୟବାନ···

୨ୟ ନ: ବାସୀ—(ଗୋଟିଏ ଚକ୍ ଚକ୍ ପଥର ପାଇ) ଏଇଟା ?

୧ମ ନ: ବାସୀ— ନା··· ବା,··· ଏଇ ମିଳିଲା ରେ ମିଳିଲା ···

( କହି ନିଜ ପେଟକୁ ଧରିବା ଓ ୨ୟ ନଗରବାସୀ ତାର ଅଣ୍ଟା ଓ ପେଟକୁ ଖୋଜିବା )

୨ୟ ନ: ବାସୀ—କାହିଁ, ଦେଖାଅ···

୧ମ ନ: ବାସୀ—(ହସି) ମୋର ପିଳେହିଟା ବା···

ହଜି ଯାଇଥିଲା···

୨ୟ ନ: ବାସୀ—ବଦ୍‌ମାସ···କେତେବାଟ ଯାଆନ୍ତେଣି, ଏଇଠାରେ ଥଣ୍ଡା ଲାଗୁଛି ।

୧ମ ନ: ବାସୀ – କ'ଣ ହେଲେ କଣ୍ଟାଯିବ ? କମ୍ବଳ, ଥଣ୍ଡା ଓ ଖଟା କେମିତିକା ଜିନିଷ ? ଆହେ, ଆଉ ଗୋଟିଏ କଥା ଶୁଣୁଛ ?

୨ୟ ନ: ବାସୀ—କ'ଣ ?

୧ମ ନ' ବାସୀ—ରାଜା କୁଆଡ଼େ ଦାଢ଼ିଆ ମିଆଁ ରଜାକୁ ଡକାଇଛନ୍ତି ?

୨ୟ ନ: ବାସୀ—ମିଆଁ କ ନଆଁ ···କ ଫିଆଁ ···

୧ମ ନ: ବାସୀ—ଆହେ, ମୁସଲମାନ ରଜା···

୨ୟ ନ: ବାସୀ—ମୁସଲମାନ···(ବଡ଼ ପାଟିରେ)

୧ମ ନ: ବାସୀ—ଆହେ, ଚୁପ୍···ଚୁପ୍···ଚୁପ୍··· ରାଜା ଜାଣିଲେ ମୁଣ୍ଡକାଟ···

୨ୟ ନ: ବାସୀ—ମୁଣ୍ଡ କାଟ···ଭଲଭ··· । ମୁଁ କହିବି ଫତୁରଦାସ କହୁଥିଲ ରାଜା ମୁସଲମାନ···

୨ୟ ନ: ବାସୀ—(୨ୟ ନ: ବାସୀର ମୁହଁକୁ ଲୁଗାରେ ବନ୍ଦ କରି) ସିସ୍ ଭରି କଥା କୁହା (ମାତ୍ର ଉଭୟଙ୍କ ଭିତରେ ଧର ପଗଡ଼ ହେବା କିଛି ସମୟ ପରେ ୨ୟ ନଗର ବାସୀ ପ୍ରଥମ ନଗର ବାସୀ ହାତରୁ ଖସିଯାଇ ଖୁବ୍ ବଡ଼ ପାଟିକରି କହିବା )

୨ୟ ନ: ବାସୀ—ମୁଁ ରାଜା ଆଗେ କହିବି—ଫତୁରଦାସ—ବାପ ନାମ ଖତୁରିଦାସ, ଗ୍ରାମ ସନ୍ତାରପୁର—ପ୍ରଗନା କାରପେଞ୍ଚ— ଜିଲ ଏରଞ୍ଚ, କହୁଥିଲ ରାଜା ଶ୍ରୀ··· ଶ୍ରୀ··· ଶ୍ରୀ··· ଶ୍ରୀ··· ମହାରାଜା···ଶ୍ରୀ···ଶ୍ରୀ···ଶ୍ରୀ

୧ମ ନ: ବାସୀ— ଆରେ ରେ···ରେ···ରେ···(ଧାଇଁ ଯାଇ ୨ୟ ନ: ବାସୀର ପାଟିକୁ ବନ୍ଦ କରିବାକୁ ଉଦ୍ୟତ···କିନ୍ତୁ ୨ୟ ନ: ବାସୀ ପୁଣି ଖସିଯାଇ ପୂର୍ବପରି ବଡ଼ ପାଟିରେ କହିବା )

୨ୟ ନ: ବାସୀ— ଶ୍ରୀ··· ଶ୍ରୀ··· ଶ୍ରୀ··· ଶ୍ରୀ··· ଜୟଚନ୍ଦ୍ର ରାଜା···
ମୁସଲମାନ···ମୁସଲମାନ···ମୁ ସ ଲ ମା ନ···

୧ମ ନ: ବାସୀ—ହେ, କହ ମୋର କ'ଣ କରିବ ? (ରାଗରେ)

୨ୟ ନ: ବାସୀ—ମୁଁ କ'ଣ ଛାଡ଼ିବ ? ରାଜା ମୁସଲମାନ ହେଲେ
କପର ?

୧ମ ନ: ବାସୀ—ଆରେ ହେ, ତୁ କ'ଣ ବକି ଗଲୁଣି ? ଜାଣିଛୁ ?
(ଦୁଇଜଣ ସିପାହୀଙ୍କ ପ୍ରବେଶ—ଅଣ୍ଟାରେ ଖଣ୍ଡା, ଚାବୁକ ଓ
ହାତରେ ଲେଟ ଯଷ୍ଟି)

୧ମ ସିପାହୀ—କରେ କ'ଣ ?

୨ୟ ନ: ବାସୀ—( ସିପାହୀଙ୍କୁ ଦେଖି ଭୟରେ ଥର ଉଠିବା )
ଆଜ୍ଞା···ଏ···ଏ···ଏ···କା···କା···କା···କା···ହୁ···ହୁ···ଛୁ
ଛୁ···ରା···ଜା···ମୁ···ସ···ଲ···ମା···ନ ···

୧ମ ନ: ବାସୀ—(ହଠାତ୍ ୨ୟ ନ: ବାସୀର କଥା ଶେଷ ନ ହେଉଣୁ)
ଆଜ୍ଞା !! ଆଜ୍ଞା !! ଆଜ୍ଞା !! (କରପଦ ଯୋଡ଼) ମିଛକଥା···ମିଛ
କଥା ଆଜ୍ଞା !!

୨ୟ ସିପାହୀ—ଚାଲ ରାଜାଙ୍କ ପାଖକୁ···ଚାଲ୍···

୧ମ ନ: ବାସୀ—ଆଜ୍ଞା, ମୋ' ପୁଅ ମାଇପ ମରିଯିବେ ଆଜ୍ଞା ! ଏଇ
ଥରକ ଛାଡ଼ଦଅ···

୧ମ ସିପାହୀ—ନା ··

୧ମ ନ: ବାସୀ—ଆଜ୍ଞା, ହଜୁର, ··· ଚାମୁଁ ··· ମଣିମା···ଟିକଏ
ବାହାରକୁ ଯିବ···

୨ୟ ସିପାହୀ—ନା ···

୧ମ ନ: ବାସୀ—ଆଜ୍ଞା, ଯିବ ତ ?

୨ୟ ସିପାହୀ—ନା···(ହାତଧରି ପ୍ରଥମ ନଗର ବାସୀକୁ ଟାଣିବା) ଚାଲ···

୧ମ ନ: ବାସୀ—ଆଜ୍ଞା, ଖସି ପଡ଼ିଲି ··

୨ୟ ସିପାହୀ—(ହାତଗୁଡ଼ି) କ'ଣ ?

୧ମ ନ: ବାସୀ—(ଖୋଜିବାର ଅଭିନୟ କରିବା—କିଛି ସମୟ ଖୋଜିଲା ପରେ କାନ୍ଦି କାନ୍ଦି କହିବା )

ଆଜ୍ଞା···ଚାଲିଗଲା···ଚାଲିଗଲା···ମୋତେ ଅନ୍ଧକାର ଚାଲିଗଲା···

୧ମ ସିପାହୀ—କ'ଣ ହେଲା ?

୧ମ ନ: ବାସୀ—ଆଜ୍ଞା, ଚାଲିଗଲା···ଚାଲିଗଲା·· ଖୋଜ ଆଣିବ ଆଜ୍ଞା, ଖୋଜ ଆଣିବ···ରାଜା ମୋତେ କହିଥିଲେ ତାକୁ ସଙ୍ଗରେ ନେଇ ଆସିବୁ ବୋଲି ·· (କାନ୍ଦି କାନ୍ଦି ଅଭିନୟ କରିବା) ।

୨ୟ ସିପାହୀ—ଆଗୁ, ଖୋଜ···(କହି ବସିବା ଓ ପ୍ରଥମ ନଗର ବାସୀ ଖୋଜିବାର ଛଳନା କରି ପଳାୟନ କରିବା)

୨ୟ ନ: ବାସୀ—ଏଁ···ଏଁ···ଏଁ···ଏଁ···ଏଁ···ପ···ପ ପ···ପ ···ଳା···ଳା···ଇ···ଇ···ଲି···ଲି···

୨ୟ ସିପାହୀ—ଆରେ ସତରେ (କହି ଧାଇଁବା—ପ୍ରଥମ ସିପାହୀ ମଧ୍ୟ ୨ୟ ସିପାହୀର ପଛରେ ଧାଇଁବା । ଏହି ଅବସରରେ ୨ୟ ନଗର ବାସୀ ବି ପଳାୟନ କରିବା ଏବଂ କିଛି ସମୟ ପରେ ୧ମ ଓ ୨ୟ ସିପାହୀ ଧଇଁ ସଇଁ ହୋଇ ପୁଣି ସେଇ ସ୍ଥାନକୁ ଆସିବା )

୧ମ ସିପାହୀ—ତୋ' ପାଇଁ ପଳାଇଲି ...
୨ୟ ସିପାହୀ—ତୋ' ପାଇଁ...
୧ମ ସିପାହୀ—(ରାଗରେ) ତୋହର ପାଇଁ - ତୁ ଧାଇଁ ପାରୁ ନାହୁଁ - ରାଜାଙ୍କୁ କହିବି ତୋର ମାଛ, ମାଂସ ଖାଇବା ଏଣିକି ବନ୍ଦ କରାଯାଉ—ତୁ ନାଆଁକୁ ମାନ ଗଣ୍ଡି ବୋଲୁଛୁ...ମୋଟା ଗଣ୍ଡି...
୨ୟ ସିପାହୀ—ଏଁ...ମୁଁ ଧୁଣ୍ଡା...ତେବେ ନେ ଗୁଣ୍ଡା (କହି ୧ମ ସିପାହୀର ପିଠିରେ ଜୋର କରି ବିଧାଟିଏ ପିଟିବା )
୧ମ ସିପାହୀ—ଆଚ୍ଛା ରେ ଧନ...(କହି ବାହୁସ୍ଫୋଟ ମାରିବା ଓ ଲଢ଼େଇ ପାଇଁ ତିଆରି ହେବା)
୨ୟ ସିପାହୀ—ଆରେ ଦେଖ, ସେନାପତି ଆସିଲେଣି (କହି ପଳାୟନ କରିବା)
୧ମ ସିପାହୀ—(ଏଣେତେଣେ ଚାହିଁ) କାଇଁ...? ହୁଁ ! ରାଜାଙ୍କ ଆଗରେ କଥା ।

[ ପ୍ରସ୍ଥାନ ]

—ପରଦା—

## ପ୍ରଥମ ଅଙ୍କ—ତୃତୀୟ ଦୃଶ୍ୟ

[ ଦିଲ୍ଲୀ ଦରବାର—ରାଜା ପୃଥ୍ୱୀରାଜ—ବୃଦ୍ଧ ସେନାପତି ଅମର୍ଷି ଓ କେତେକ ରାଜପୁତ ସଙ୍ଗୀ ]

ପୃଥ୍ୱୀରାଜ—(ଆସନରୁ ଉଠି) (ଅନ୍ୟମାନେ ନିଜ ନିଜ ଆସନରୁ ସମ୍ମାନାର୍ଥେ ଉଠିବା) ପବିତ୍ର ଜନ୍ମଭୂମି ଆଜି କଳଙ୍କିତ ହୋଇଛି ଯବନର ସ୍ପର୍ଶରେ । ଖାଲି ଜୟଚନ୍ଦ୍ର ସମ୍ମୁଖ

ଯୁଦ୍ଧରେ ଛତ୍ରଭଙ୍ଗ ଦେଇ ଆହ୍ୱାନ କରିଛୁ ଯବନକୁ । ଆଉ ଦଶ ଲକ୍ଷ ରାଜପୁତ ଅଶ୍ୱାରୋହୀ ବି ଆମ ବିରୁଦ୍ଧରେ ଖଡ଼୍ଗ ଧାରଣ କରିବେ—ହାୟ ! ହାୟରେ ରାଜପୁତ ! ଯେଉଁ ଶକ୍ତି ଭାରତର ଐତିହ୍ୟ ଓ ପାରମ୍ପରିକତାକୁ ଅକ୍ଷୁଣ୍ଣ ରଖି ଶତ୍ରୁର ବକ୍ଷରେ ଖାଣ୍ଡବ ସୃଷ୍ଟିକରି ପାରୁଥିଲା, ସେଇ ରାଜପୁତ ଆଜ ଯବନର ଆଶ୍ରୟ ଭିକ୍ଷୁ ? ଜୟଚନ୍ଦ୍... !!! ଜୟଚନ୍ଦ୍ର...!!! କ'ଣ କରିଛ ଜୟଚନ୍ଦ୍ର ? ଯବନକୁ ନିମନ୍ତ୍ରଣ କରି ଭାରତର ପବିତ୍ର ପୀଠକୁ ଅପବିତ୍ର କରିଛ ? କଳଙ୍କ ବୋଳିଛ ଆଜ ସ୍ୱର୍ଣ୍ଣପ୍ରସୂ ଭାରତ ମାତାର କଣ୍ଠରେ । ଛି ଛି... କି ଲଜ୍ଜା ! ମାଗିଥିଲେ ଦେଇଥାନ୍ତି ସ୍ୱର୍ଣ୍ଣ ସିଂହାସନ, ମାନ · ଛି...ଛି.. ଭିକ୍ଷୁକ ହୋଇଛ ଆଜ ଯବନ ଦୁଆରେ । କ୍ଷମତା ପାଇଁକି ହେଲ ଏତେ ହୀନ ତୁମେ...??? ଧିକ୍... ଧିକ୍ ଧିକ୍...ତୁମ ବୀରତ୍ୱ ଧିକ୍ ତୁମ ନାମ...

(ଏକ ଦୂତର ପ୍ରବେଶ)

ଦୂତ—ମହାରାଜ, ଯବନମାନେ ନଗର ଦ୍ୱାରେ ଗୋଳମାଳ ଆରମ୍ଭ କଲେଣି (ପ୍ରସ୍ଥାନ)

ପୃଥ୍ୱୀରାଜ—ଯାଅ...ଯାଅ...ବୀରବୃନ୍ଦ ସବେ !

"ଜନନୀ ଜନ୍ମଭୂମିଶ୍ଚ
ସ୍ୱର୍ଗାଦପି ଗରୀୟସୀ"

...ସେଇ ଜନନୀର ପାଇଁ ପ୍ରାଣ ବିସର୍ଜନ କର । ସିଂହଶାବକ ହୋଇ, ଶୃଗାଳେ ନକର ଭୟ, ଲମ୍ଫ ଦିଅ.. ଲମ୍ଫ ଦିଅ ବୀରବୃନ୍ଦ ! .. ଲମ୍ଫ ଦିଅ (ସିଂହାସନ ଉପରେ ବସିବା)

[ବୃଦ୍ଧ ସେନାପତି ବି ନିଜ ଆସନ ଗ୍ରହଣ କରିବା]

ବୃଦ୍ଧ ସେନାପତି—(ଯବନ ଆସିବା ସନ୍ଦେଶ ପାଇ ରାଗରେ
ଜର୍ଜରିତ—ସେ କଂପିତ କଣ୍ଠରେ ନିଜ ଆସନରୁ ଉଠି
ବାଷ୍ପାକୁଳ ହୋଇ କହିଉଠିବା )
ମହାରାଜ;
ଏ ପୀଠ ଭାରତବର୍ଷ...
ପ୍ରସବନ୍ତୁ ସିଂହର ଶାବକ ।
ଗୋ ମାଂସ ଭକ୍ଷଣକାରୀ, ଶୃଗାଳ ସରବେ...
ହର୍ଯ୍ୟକ୍ଷ ଗୁହାରେ କେବେ ନ ହୋଇବେ ପ୍ରଭୁ,
ନ ହେବେ ହେ, ତାଙ୍କ ସଙ୍ଗେ ସମ ।
ଭୀମ...କର୍ଣ୍ଣ...ଅର୍ଜୁନ...ଭୀଷ୍ମ ଆଦି ମହାବୀର
ଲଭି ଜନ୍ମ ଏ ମାଟି ବୁକୁରେ ...
ଅମର କୀରତି ଆଜ ଯାଇଛନ୍ତି ରଖି ।
ସେଇ କ୍ଷତ୍ରିୟ ବଂଶଜ !!!
ସେଇ ବଂଶଜ ଆମେ, ତାଙ୍କର ରକତ ଧାର
ବହେ ଏ ଶରୀରେ ।
ନୋହୁଁ ଭୀରୁ, ନୋହୁଁ ହୀନବୀର୍ଯ୍ୟ
ପଛଘୁଞ୍ଚା ନାହିଁ କେବେ ଆମର ଜାତକେ ।
ପୃଥ୍ୱୀରାଜ—ହେ ବୀରପୁଙ୍ଗବ ! କୁଳବୃଦ୍ଧ ବୀର ସେନାପତି !
ବୃଦ୍ଧ ସେନାପତି—ନା ..ନା...ମହାରାଜ !
ହୋଇନାହିଁ ଏ ଜୀବନେ ଆତ୍ମସମର୍ପଣ
ଗହ୍ୱର ଗର୍ଭରେ ଅବା ଆଗ୍ନେୟ୍ରିକା ଧାରେ
ଅବା,
ସମନପୁରରେ ସେହି କରିନାହିଁ ନିଜପ୍ରାଣ ଭିକ୍ଷା !
ଏ ଭୂମିର ପୁତ୍ର କେବେ ହୋଇନାହିଁ ବନ୍ଦୀ...

ବନ୍ଦୀ ସେ କରିବ ପୁଣି ନିଜ ମାତୃ ହସ୍ତ ?
ନା ନା · ନା·· ନା·· ମହାରାଜ ! ନା···
ବନ୍ଦିନୀ ହୋଇନି କେବେ ଏ ଜାତିର ମାଆ···
ଅବା,
ବନ୍ଦିନୀ ହେବାର କେବେ ଦେଇନି ସୁଯୋଗ
ଏହି ବୃଦ୍ଧ ବାହୁମମ, ନୁହେଁ କେବେ ତୁଳାଦଣ୍ଡେ ଗଢ଼ା ।
ସମ୍ପୂର୍ଣ୍ଣ ଲୌହ ଏ ··
ଇସ୍‌ପାତ ଲୌହର ବାହୁ !
ଦେଖିଛ ଆପଣ ନିଜେ, ଯବନ ବୁକୁରେ
ଆଣିଛି ମଡ଼କ······
ଆଉ ··
ଜାଳିଛି,
ଏଇ ହାତେ ପ୍ରଳୟର ଅଗ୍ନି ।
(ଦୂରରୁ କୋଳାହଳ ଶୁଭିବା—ବୀର କାହାଳୀ ବାଜିବା)
ଏଇ···
ଏଇ ତ କୁକୁର ସେଇ ଯବନର ଶିଶୁ···
କ୍ରନ୍ଦନ କରୁଛି ଆସି
ପଶୁ ମାଂସ ପାଇଁ···

ପୃଥ୍ୱୀରାଜ—ସାଜ···ସାଜ···ରଣ···

(ଦୂରରୁ ଜୟ ମହାରାଜ ପୃଥ୍ୱୀରାଜଙ୍କ ଜୟ)

ଦୂତ—(ବୀର ବେଶରେ ପ୍ରବେଶ କରି)
ମହାରାଜ ··

ପୃଥ୍ୱୀରାଜ—କୁହ, ବୀର ରାଜପୁତ ଆଜି ଅଗ୍ରଣୀ ସରବେ ?

ଦୂତ — ଜଣେନୁହେଁ,

କୋଟି କୋଟି ରାଜପୁତ ବୀରେ ।
ପାଗଳ ସମାନ ସର୍ବେ ହୋଇ ଧୂଳୀଭୂତ
ଗଗନେ ପବନେ ଭରି ବଜ୍ରସ୍ୱ ହୁଙ୍କାର
ଆସନ୍ତି ହେ ମହାରାଜା ! ବୀର ଦର୍ପ ନେଇ ।
ଆବାଳ, ବୃଦ୍ଧ, ବନିତା ନାହାନ୍ତି କେ ଗୃହେ···
ସର୍ବତ୍ର ଶୁଭଇ ଆଜି ରେ ରେକାର ବାଣୀ
ଦିଗ୍ ବିଦିଗ କଂପିଉଠେ ଅଶ୍ୱର ହେଷାରେ ।

ବୃଦ୍ଧ ସେନାପତି—ଠିକ୍···

ପରଖ ହେଉଛି ଏଇ ରାଜପୁତ ଜାତି !
ପରଖ ହେଉଛି ପୁଣି ରାଜପୁତ ନାରୀ !
ପରୀକ୍ଷା ଦେବ ଏ ଭୂମି···
ପୀଠର, ବନ, ଗିରି, ପାହାଡ଼···ପର୍ବତ, ଆଉ ନୀଳ ନିର୍ଝରଣୀ !
ଏଇ ତ ଦେଖିଲେ ମହାରାଜ !
ଗୋଟିଏ ଛତ୍ରର ତଳେ
ଶତ ଶତ ବୀର ଭାରତୀୟ, କାହିଁକି ହେ ଏକତ୍ରିତ ହୋଇଲେ ରାଜନ !
ଜନ୍ମ ଭୂମିର ଆହ୍ୱାନକୁ ···
କିଏ ଏଡ଼ିପାରେ ? କିଏ ରହିପାରେ ଦୂରେ ?
ଅସମ୍ଭବ ··· ଅସମ୍ଭବ ସଦା ଏହା ଭାରତୀୟ ବୁକେ !

ପୃଥ୍ୱୀରାଜ—(ଦୂରକୁ ଦେଖାଇ)

ଏକି ଧୂମ ?
ଏକି ଧୂସର ବାଦଲ ?
ଗଗନେ ଘୋଡ଼ାଇ କିମ୍ବା ଅବରୋଧ କରେ ମୋର ଦୃଷ୍ଟି ?

ଦୂତ—ନୁହେଁ ଧୂମ !

ନୁହେଁ ଧୂସର ବାଦଲ ଘୁମୁ !
ପୁରପଲ୍ଲୀଧାରୁ ···
ସମୁଦ୍ର ଜୁଆର ପରି ଜନତା ଜୁଆର
ଛୁଟି ଆସେ ମଥାଠେକି ବଜ୍ରସ୍ୱ ହୁଙ୍କାରେ ।
ଅଶ୍ୱ ଖୁରାଘାତେ,
ଭୂମି ହୋଇ ଚୂର୍ଣ୍ଣ···
ରେଣୁ ହୋଇ, ···
ଗଗନରେ ସୃଷ୍ଟିକରେ ଧୂମ···
ଆଉ,···
ଧୂଳିଆ ବାଦଲ ଘୁମୁ !

ବୃଦ୍ଧ ସେନାପତି—ମହାରାଜ !

ସୁପ୍ତନୁହେଁ ସ୍ଥାବର ଜଙ୍ଗମ···
ସୁପ୍ତ ନୁହେଁ ପୁରପଲ୍ଲୀ ଆଜି,
ସର୍ବେ ଶୁଭଇ ଶୁଣ ବୀରର ଦୁନ୍ଦୁଭି ।
ଡାକଇ ବୀର କାହାଳୀ
ଖ୍ରମରଡ଼ି ଦେଇ ।
ବୃଦ୍ଧ, ଆଉ ପଙ୍ଗୁ ଅଙ୍ଗେ ଜାଗେ ଆଜି
ସୁପ୍ତ ଅଗ୍ନି ଝଡ଼···।
ସେ ଝଡ଼କୁ ଝାଡ଼ଦେବୁ
ଯବନ ମଥାରେ···
ଝଡ଼ିଯିବ···ହାରିଯିବ···ଭୁଞ୍ଜିଯିବ···ଯବନ କୁକୁର···।

ପୃଥ୍ୱୀରାଜ—ଠିକ୍···ଆସ···(ପ୍ରସ୍ଥାନ)

ବୃଦ୍ଧ ସେନାପତି—ଦୂତ !

ଯାଅ······

ଗୃହେ, ଗୃହେ, ଦ୍ୱାରେ, ଦ୍ୱାରେ ଶୁଣାଅ ଏ ବାର୍ତ୍ତା

ପୁଣ୍ୟଭୂମି ଜାହ୍ନବୀ ପ୍ଲାବନକର ଧୁଏ ଯାର ଅଙ୍ଗ

ହୀରକ ମୁକୁଟ ହିମାଳୟ ଯାର ବୈଦୁର୍ଯ୍ୟରେ ବିଭୂଷିତ ହୁଏ··

ବଙ୍ଗୋଦଧି, ମହୋଦଧି ଛୁଏଁ ଯାର ପଦର ନୂପୁର···

ସେଇ ଜନ୍ମଭୂମି··· !

ସେଇ ଶ୍ୟାମଳୀ ଭାରତୀ !

ସେଇ ସ୍ୱର୍ଣ୍ଣପ୍ରସୂ ମାଆ !

ସେଇ ବୀରପ୍ରସୂ ଜନନୀ ଆମର

ହେଉଛି ବନ୍ଦିନୀ ଆଜି ଯବନ ହାତରେ ।

ଯବନ ଆସିଛି ତାର ଧରି ସର୍ବ ଶକ୍ତି

ଓଟାରି ନେବ ସେ ପୁଣି ମାତୃ ଶିର ଆମ···

କପରି ସହିବ ଏହା ଏଭୂମି ଯୁବକ···

ଏ ଭୂମି ସନ୍ତାନ !

ତାହାର ଜନନୀ ଯେବେ ହୋଇବ ବନ୍ଦିନୀ !

ବଜାଅ ବୀର ଡିଣ୍ଡିମ ସବୁରି ପ୍ରାଙ୍ଗଣେ···

ଗାଅ ଥରେ ହାତେ ଧରି କେନ୍ଦରାର କାଠି

ଫୁଙ୍କି ବାରେ ଖିମକଣ୍ଠେ ବୀରରସେ ତୁରୀ

ସାଜିଉଠୁ···ଜାଗିଉଠୁ···ନାଚିଉଠୁ ଏ ଜାତିର କୃପାଣ
ସକଳ !

ଯାଉଛି ମୁଁ ରଣକ୍ଷେତ୍ରେ ·

ଯୌବନର ଉନ୍ମାଦନା ନେଇ ।

ନୁହେଁ ବୃଦ୍ଧ,

ନୁହେଁ ମୁହିଁ ପକ୍ୱ କେଶୀ ନର,
ପରିଚୟ ଦେବ ନଷ୍ଟେ ଯବନ ସମ୍ମୁଖେ ! !

( ଟଳି ଟଳି ପ୍ରସ୍ଥାନ କରିବା )

ଦୂତ—ଧନ୍ୟ, ଧନ୍ୟ ବୃଦ୍ଧ ତମେ ! ଧନ୍ୟ ତବ ହୃଦୟର ବଳ । ଭାରତର ହିମାଳୟ ପରି ତମେ ମହାନ୍, ଉଚ୍ଚ ! ! ଅଟଳ ··· ଅଚଳ ··· । ତୁମର ସେଇ ବୃଦ୍ଧ, କୁଞ୍ଚିତ ଚର୍ମ ବଜ୍ରାଘାତ ସହି ସହି କର୍କଶ ଶିଳା ବନ୍ଧୁର ପାଲଟିଛି । ଧନ୍ୟ ହେ ଯଣ୍ଡ ! ଧନ୍ୟ ହେ ନାୟକ ! ଧନ୍ୟ ଏ ଜାତିର କର୍ଣ୍ଣଧାର ! ଯାଏଁ ··· ଏ ବାର୍ତ୍ତା ଶୁଣାଏ ପୁର ପଲ୍ଲୀଧାରେ ।

( ପ୍ରସ୍ଥାନ )

—ପରଦା—

## ପ୍ରଥମ ଅଙ୍କ—ଚତୁର୍ଥ ଦୃଶ୍ୟ

( ରାଜା ଜୟଚନ୍ଦ୍ରଙ୍କ ମନ୍ତ୍ରଣାଳୟ — ରାଜା ଜୟଚନ୍ଦ୍ର — ସେନାପତି ଓ ପ୍ରଥମ ରାଜପୁତ )

ଜୟଚନ୍ଦ୍ର—(ସେନାପତିଙ୍କୁ ଚାହିଁ)
ଏଣିକି ଚୌହାନ ଗର୍ବ ଚୂର୍ଣ୍ଣୀଭୂତ ହେବ ।

ସେନାପତି—ତଥାପି ପୃଥ୍ୱୀରାଜ ଅଜେୟ ହୋଇ ରହିବ ରାଜପୁତ ବଂଶାବଳୀ ମଧ୍ୟେ ।

୧ମ ରାଜପୁତ —କିନ୍ତୁ ହେ ମହାରାଜ, ଭାରତର ସ୍ୱର୍ଣ୍ଣମୟୀ ବକ୍ଷେ ଲୌହର ମୁଦ୍‌ଗଳ ନଜେ ଧୂଳିଉଚ୍ଛ କରେ । ବହିଃଶତ୍ରୁର ନିମନ୍ତ୍ରଣେ, ରାଜଶକ୍ତି ହେବ ନଷ୍ଟେ ହୀନବୀର୍ଯ୍ୟ !

ଜୟଚନ୍ଦ୍ର—ଯୁବରାଜ !

ଯେଉଁ ଦିନୁ କନ୍ୟା ମୋର ହେଲା ଅପହୃତା
ଶତ ଶତ କ୍ଷତ୍ରୀୟ ସମ୍ମୁଖେ
ସେଦିନରୁ ଚିହ୍ନିଛି ମୁଁ ...
ବୀରପ୍ରସୂ ନୁହେଁ କେବେ
ଭାରତର ଭୂମି ।
ତେଣୁ ! ! !
ଏ ଦେଶରେ,
ଜହ୍ନିଃଶତ୍ରୁ କରୁ ତାର ଖେଳା ।

୧ମ ରାଜପୁତ—ମହାରାଜ !

ଜାହ୍ନବୀର ଧାର ସମପୂତ ଏଇ ଭାରତ ଉଦର
ବୀରପ୍ରସୂବୋଲି ଯୁଗେ ଯୁଗେ ହୋଇଛି ବନ୍ଦିତ ।

ସେନାପତି— ଜହ୍ନୁ ବାହ୍ୟାଳାପେ କିମ୍ବା ଦୁର୍ବ୍ୟୋଜନ ଗ୍ଲାମୁ !

ଯୁଦ୍ଧର ଡାକରା ବେଳେ,
ଗୃହଯୁଦ୍ଧ,
ନହାନ୍ତି ଅଶୁଭ · ନୁହଇ ଉଚିତ ।
(ରକ୍ଷୀର ପ୍ରବେଶ)

ରକ୍ଷୀ—(ମହାରାଜଙ୍କୁ ସମ୍ମାନ ଦେଇ)

ମହାରାଜ !

ଜୟଚନ୍ଦ୍ର—(ନିଜଆସନରୁ ଉଠି)

ଆସ, ଆସ ରକ୍ଷୀ, କହ, କି ସମ୍ବାଦ ଦେଇଛନ୍ତି, ସେ
ଯବନବୀର !

ରକ୍ଷୀ—ମହାରାଜ !

ବିଦ୍ୟୁତ୍ ଗତିରେ ମୋର ଅଶ୍ୱଗଲା ଚଳି,
କଂଭୁ ହେ ମହାରାଜ !
ପଡ଼ି ଏକ ମହା ଶଙ୍କଟରେ ··
ବିଲମ୍ବ ହୋଇଛି ପ୍ରଭୁ
ମୋର ଆଗମନେ ।

ଜୟଚନ୍ଦ୍ର—ନିର୍ବିଘ୍ନରେ ଫେରିଛ ତ ?

ରକ୍ଷୀ—ପ୍ରଭୁ !

ଜୟଚନ୍ଦ୍ର—ପାଇମୋର ନିମନ୍ତ୍ରଣ ପତ୍ର, ଯବନବୀର କି କେବେ ହସି ନାହିଁ କଣ୍ଠ ଫାଟା ହସ ?

ରକ୍ଷୀ—ମହାଆନନ୍ଦରେ ପ୍ରଭୁ ବିଭୋର ହୋଇଲା ସେହୁ ରାଜ-ଦରବାରେ । ନୃତ୍ୟ, ଗୀତ ଆୟୋଜନ କରି, ସସମ୍ମାନେ ପୂଜିଛି ଅନେକ ।

ଜୟଚନ୍ଦ୍ର—ଧନ୍ୟବାଦ୍ (ହସି)

ଯାଅ ସେନାପତି···
ଏ ସମ୍ବାଦ ଦିଅ ତୁମେ ପ୍ରତି ସଇନିକେ ।
ରଣପାଇଁ ହୋଇବେ ଜାଗ୍ରତ,
ଅପମାନ ପାଇ ଯେଉଁ ମନସ୍ତାପ ଥିଲା,
ଘୂଞ୍ଚିଯିବ ଏବେ ତାହା ଯବନ ହସ୍ତରେ ।
ନିଶ୍ଚୟ,
ନିଶ୍ଚୟ ବିଜୟୀ ହେବା ସମର ପ୍ରାଙ୍ଗଣେ···
ଆର୍ଯ୍ୟ ଭୂମି,
ସପାଗରା ଧାମେ ···

ହେବ ସ୍ୱୟଂ ଅଧିପତି ! ! ! ଅଧିପତି ! ! ! !
ସବୁ ବିଡ଼ମ୍ବନା···
ସବୁ କଳ୍ପନା···
ପାଣିର ଫୋଟକା ସମ
ଯିବ ସେ ଉଭେଇ ।
ପୃଥ୍ୱୀରାଜ ! ପୃଥ୍ୱୀରାଜ ! ପୃଥ୍ୱୀରାଜ (ବ୍ୟଙ୍ଗ ହସ)
ମୁକ୍ତି ନାହିଁ ମୁକ୍ତି ନାହିଁ !
ଯଦି ଚାହୁଁ ମୁକ୍ତି···
ଆତ୍ମସମର୍ପଣ କରିବାରେ କନ୍ୟା ମୋତେ ଦେଇ ।

ରକ୍ଷୀ—ମହାରାଜ !
ଦିଲ୍ଲୀନଗରୀରେ ଯବନ ସୈନିକେ ଆସି ଥିବେ···(ପ୍ରସ୍ଥାନ)

ଜୟଚନ୍ଦ୍ର— ଆନନ୍ଦରେ ଗଦ୍ ଗଦ୍ ହୋଇ)
ଆସିସାରିଥିବେ ? ? ବାଃ ବାଃ··· ରେ ଯବନ ! ନିମନ୍ତ୍ରଣ
ପାଉ ପାଉ ଆଖି ପିଛୁଳାକେ ତୁହି ହୋଇଛୁ ପ୍ରବେଶ ।

(୨ୟ ରାଜପୁତର ପ୍ରବେଶ)

୨ୟ ରାଜପୁତ— ଅସମ୍ଭବ··· ଅସମ୍ଭବ··· ଆର୍ଯ୍ୟ ଭୂମିପରେ
ଯବନର ଅବାଧ ପ୍ରବେଶ ।

ଜୟଚନ୍ଦ୍ର—ହା·· ହାଃ·· ହାଃ···
ତୁମେ ସର୍ବେ ନିହାତି ଦୁର୍ବଳ···
ହୁଙ୍କାର ହେଉଚ ଶୂନ୍ୟେ ଆହତ କଣ୍ଠରେ ।

୨ୟ ରାଜପୁତ—ଆହତ ହୋଇଚୁ ତୁମ୍ଭ ନିଜ ଶର ମୁନେ,
କିଂତୁ
ହୋଇନୁ ଆହତ ଆମେ ଅପର ଶୂଳରେ ।

ଜୟଚନ୍ଦ୍ର—ପର ନୁହେଁ ଯୁବରାଜ !
ଭିନ୍ନ ନୁହେଁ ମହମ୍ମଦ ଘୋରୀ,
ହୃଦୟର ବନ୍ଧୁ ସେ ଯେ,
ପ୍ରାଣର ମୋ ସଖା !
ଶତ୍ରୁଟିର ବନ୍ଧୁହସ୍ତେ କର ଖଣ୍ଡ ଖଣ୍ଡ
ନିର୍ବାପିତ କରାଇବ ହୃଦୟର ତପ୍ତ ଅଗ୍ନି ଶିଖା ।

୧ମ ରାଜପୁତ—ତଥାପି,
ତଥାପି ରହିବ ତପ୍ତ···
ହୋଇବ ଉନ୍ମାଦ,
ହୃଦୟର ଆକାଙ୍କ୍ଷିତ ବସ୍ତୁ ସଦା ରହିଯିବ ବ୍ୟୋମେ ।

ଜୟଚନ୍ଦ୍ର—ଯୁବରାଜ !
ବ୍ୟଙ୍ଗୋକ୍ତି କର୍କଶ ତୁମ,
ବଜ୍ରାଘାତ କରେ ମୋର ବକ୍ଷେ,
ଏ ଦୁର୍ଦ୍ଦିନେ···
ତୁମର ସାହାଯ୍ୟ ବାଞ୍ଛା, ମୁଁ କରଇ ନିର୍ମଳ ହୃଦୟେ ।

୧ମ ରାଜପୁତ—କୃତଘ୍ନ ହୋଇନି କେବେ ବୀର ରାଜପୁତ,
କୃତଘ୍ନ ହୋଇନି ପୁଣି ରାଠୋର ବଂଶଜ,
ସମ୍ମୁଖ ଯୁଦ୍ଧରେ,
ସିଏ···
ଦିଏ ତା ଅନ୍ତିମ ପରଖ ।
ତୁମ୍ଭଙ୍କ ଅଜ୍ଞାତ ନୁହେଁ ଆମର ବଇରୀ ?

୨ୟ ରାଜପୁତ— ଶପଥ ନେଇଛୁ ମୁହିଁ ବଧିବାର ତୁମ୍ଭ ।
ଆଜି ବି ଶପଥ ନିଏ ଛୁହିଁ ଇଷ୍ଟଦେବୀ ···

ଆପ୍ରାଣେ ଲଢ଼ିବି ନଷ୍ଟେ ଶତ୍ରୁ ମୁଖେ ଯାଇ ।
ମିଥ୍ୟାବାଦୀ ନୁହେଁ କେବେ କ୍ଷତ୍ରିୟ ସନ୍ତାନ !
ବାକ୍ୟବୀର ନୁହେଁ ଅବା ଗୃହର କୋଣରେ,
ଏଇ ତ ମୋ କୋଟିନିଧି…
କୋଟି କୋଟି ବପୁ ।
ଏଇ ରାଜପୁତ ଜାତି ମୋର, ସାମ୍ରାଜ୍ୟର ଖମ୍ବ ।
ଏହାର ଉପରେ ହସେ, ବୈଦୁର୍ଯ୍ୟର ହାର ।

ସେନାପତି—ମହାଭାଗ !

ରାଜଅନ୍ତେ,…
ଏକତ୍ର ହୋଇବା ସର୍ବେ
ସମର ପ୍ରାଙ୍ଗଣେ, …
ଅହର୍ନିଶ ଚିନ୍ତା   ଆଉ ସୂକ୍ଷ୍ମ ତର୍କେ,
ଯଦି,
ଅମୂଲ୍ୟ ସମୟ୍ୟ ଆମ ହୋଇବ ଯାପନ
ନଷ୍ଟପ୍ରାୟ ସେ କାଳରାତ୍ରି ପୂର୍ଣ୍ଣିମାସୀ ପାଇଁ,
ଶପଥ ନେଇଛୁ ଥରେ
ଯେଉଁ ରାଜପୁତ !
ନ ଟଳିବ ତାହାର ବଚନୁ ।
ଯାଆନ୍ତୁ ମହିମା !
ସୁଖେ, ଯାପନ୍ତୁ ରଜନୀ ।
ରଣ ସଜ୍ଜା ଆରମ୍ଭୁଛି ମୁହିଁ,
ଏଇ ନଶାର୍ଦ୍ଧର ବିଜନ ବେଳାରେ ।
ଝଲକ ଉଠୁଛି ଆଜ ଦିଗ୍‌ବଳୟ ରେଖା…
ଝନ୍ ଝନ୍ କରେ ମୋର ତୀକ୍ଷ୍ଣ ତରବାରୀ…
ଶତ୍ରୁ ହସ୍ତେ ହସିବ ସେ କାଳହସ ନେଇ ।

ଜୟଚନ୍ଦ୍ର—ସେନାପତି, ସମୁଚିତ ବାକ୍ୟ ଏହା ତବ । ଜୟଚନ୍ଦ୍ର
ପ୍ରୀତ ତବ ବାକ୍ୟେ ।
ଯାଅ· · ·ଯାଅ ବୀରଶ୍ରେଷ୍ଠ ଘୋର ସେନାମୀ !
ବିଶ୍ରାମ କରିବ ବାରେ ରଜମୀ କ୍ରୋଡ଼ରେ ।

ସେନାପତି—ନାହିଁ ତ ବିଶ୍ରାମ ଫ୍ଲୁମୁ, ମଣିଷ ଜୀବନେ,
ପୁନଃ,
ଏ ସମରେ, ବିଶ୍ରାମ ବା ଆସିବ କେଉଁଠୁ ?

ଜୟଚନ୍ଦ୍ର—ଚମତ୍କାର· · ·ଚମତ୍କାର· · · ।
ଏ ସମରେ ବୈଜୟନ୍ତୀ ଉଡ଼ିବ ନିଶ୍ଚୟ ।

ରକ୍ଷୀର ପ୍ରବେଶ

ରକ୍ଷୀ—ମହାରାଜା !
ଯବନବୀର ସେନାପତି କୁତବ୍‌ଉଦ୍ଦିନ

ଜୟଚନ୍ଦ୍ର—( ଆନନ୍ଦରେ ଉଲ୍ଲସିତ ହୋଇ )
ସସମ୍ମାନେ ନେଇ ଆସ, ଏ ମନ୍ତ୍ରଣାଳୟେ ।

ରକ୍ଷୀ—ମହାରାଜ ! (ପ୍ରସ୍ଥାନ)

ଜୟଚନ୍ଦ୍ର—ହାଃ· · ·ହାଃ· ହାଃ · ·
ପୃଥ୍ୱୀରାଜ !

(ରକ୍ଷୀ କୁତବ୍‌ଉଦ୍ଦିନଙ୍କୁ ନେଇ ପ୍ରବେଶ—କୁତବ ରାଜା
ଜୟଚନ୍ଦ୍ରଙ୍କୁ ସମ୍ମାନଦେବା )

ଆସ, ଆସ ବୀର ! କୁଶଳ ତ ସବୁ ?

କୁତବ—(ମହମ୍ମଦ ଘୋରୀଙ୍କ ଖଣ୍ଡିଏ ଚିଠି ଜୟଚନ୍ଦ୍ରଙ୍କ ହାତକୁ
ବଢ଼ାଇ ଦେବା—ଜୟଚନ୍ଦ୍ର ତାହା ପାଠକରି ଆନନ୍ଦରେ
କହିବା)

ଜୟଚନ୍ଦ୍ର—ସାଧୁ··· କୁତବ ! ସାଧୁ ବଂଧୁ ମହମ୍ମଦ ଘୋରୀ ।
କୁତବ—ଦିଲ୍ଲୀ ନଗରୀର ଦକ୍ଷିଣ ପ୍ରାନ୍ତରେ ଆମର ରଣ ଶିବିର !
ଜୟଚନ୍ଦ୍ର—ସାଧୁ···ସାଧୁ···ସାଧୁ···
କୁତବ—ଆମର ଆଗମନେ ଦିଲ୍ଲୀନଗରୀରେ କୋଳାହଳ ସୃଷ୍ଟି
ହୋଇଛି ।
ଜୟଚନ୍ଦ୍ର—ହାଃ···ହାଃ···ହାଃ···
ପୃଥ୍ୱୀରାଜ ! ପୃଥ୍ୱୀରାଜ ! ପୃଥ୍ୱୀରାଜ ! ହାଃ ହାଃ ହାଃ···
ହର୍ଷିର କାଳମାପରେ
ପୂର୍ଣ୍ଣହେବ ରବ···
ଠହ ଠହ ହସିବ ରେ କଷାୟ ଭାଷାରେ
କଷାୟ ହୋଇବ ତୋର—
ଦିଲ୍ଲୀ ରାଜପଥ···
ଏକପାର୍ଶ୍ୱରେ···
କଠୋର ସୈନିକ !!
ଅନ୍ୟ ପାର୍ଶ୍ୱରେ,
ଦୁର୍ଦ୍ଦାନ୍ତ ଯବନେ,
ଖଣ୍ଡ, ଖଣ୍ଡ, ଟିକ୍ ଟିକ୍
କରିବେ ତୋ ଗର୍ବିତ ପଞ୍ଜରା ।
ଯାଅ, ଯାଅ କୁତବ !
ଭେଦକରି ସଂଗ୍ରାମର ବନ୍ଧ—
ଛିନ୍ନ କର ଚୌହାନ ମସ୍ତକ···
ଦିଅ ଭେଟି, ତଡ଼ିତ୍ ବେଗରେ—
ପୃଥ୍ୱୀରାଜ ! ପୃଥ୍ୱୀରାଜର ସେଇ
ଛିନ୍ନ ଶିର—କୃତଜ୍ଞତା ସନ୍ତକ ।

କୁତବ—ମହାରାଜ ! (ପ୍ରସ୍ଥାନ)

ଜୟଚନ୍ଦ୍ର—ଦେଖିଲ ତ ବୀରବୃନ୍ଦ ! ରାଜସୂର ସିମନ୍ତମା ବସିବ
ନଷ୍ଟପ୍ରୟ .....

୧ମ ରାଜପୁତ୍ର—ମହାରାଜ !

ଜୟଚନ୍ଦ୍ର—ଚାଲ...ଚାଲ ସର୍ବେ, ନିଜ ନିଜ କକ୍ଷେ ..

—ପ୍ରସ୍ଥାନ—

—ପରଦା—

## ପ୍ରଥମ ଅଙ୍କ—ପଞ୍ଚମ ଦୃଶ୍ୟ

[ ପୁଷ୍ପ ଉଦ୍ୟାନ—ଆକାଶରେ ଚନ୍ଦ୍ର—ମୃଦୁପବନ ସୁଗନ୍ଧ-ବାସନା ନେଇ ବହୁଚ୍ଛି— ସଂଯୁକ୍ତା ଏକାକୀ ଉଦ୍ୟାନରେ ଭ୍ରମଣ କରୁଚନ୍ତି—ଏ ଗଛରୁ ସେ ଗଛ ଯାଇ ଫୁଲ ସଂଗ୍ରହ କରି କରି ପ୍ରେମ ପୁଲକିତ ହୋଇ ସଂଗୀତର ମୂର୍ଚ୍ଛନା ତୋଳି ଦେଲେ— ]

ସଂଯୁକ୍ତା— ଗୀତ— ଆଜି ଏ ମଧୁର ରଜନୀ, ଆଜି ଏ ମଧୁର
ରଜନୀ...

ବସିଥିବ ପ୍ରିୟକୋଳେ ସପନର ଡେଉ ମେଲେ
ହସିଥିଲେ ଗଗନରେ ଭରା ଚାନ୍ଦନୀ ।
ଚାନ୍ଦନୀ ହସେ ତାର କୁମୁଦନୀ ମୁଖ ଚୁମ୍ବି
ମୁଁ ହସିବ ତାଳେ ତାଳେ ମୋ' ବୁକୁର ଆଶା ନେଇ
ଗୁମୁର ଉଠିବ ଖାରେ ଅଭିମାନିନୀ ।
ଆଖିରେ ମାୟା ମୋହନ, ତୋଷିବ ପ୍ରିୟର ମନ
ଭଙ୍ଗ ଅଧରେ ଦେବ ମଧୁର ମଧୁ ଚୁମ୍ବନ
ଫୁଲମେଘେ ବତାଇବ ଝରା ଚାନ୍ଦନୀ ।

( ଗୀତର ଶେଷରେ ପୃଥ୍ୱୀରାଜଙ୍କର ଯୁଦ୍ଧବେଶରେ ପ୍ରବେଶ )

ପୃଥ୍ୱୀରାଜ—ଆଃ, କି ଚମତ୍କାର, କି ମଧୁର ତୁମର କଣ୍ଠର ରାଗିଣୀ !

ସଂଯୁକ୍ତା—(ଚମକି ପଡ଼ିକୁ ସେ ସାମାନ୍ୟ ଲଜ୍ଜେଇ ଯିବା)
ଉହୁଁ

( ଅଭିମାନଭରା ଅଙ୍ଗଭଙ୍ଗୀରେ ଝାଉଁଳି ଏକ ପ୍ରସ୍ଫୁଟିତ ପୁଷ୍ପକୁଂଜ ନିକଟକୁ ଚାଲିଯିବା )

ପୃଥ୍ୱୀରାଜ—ସଖି !
ଦୂରନୀଳ ଗଗନରେ ଧଳା ବଉଦକୋଳରେ ମଉଆଳି ଜହ୍ନଟା କି ସୁନ୍ଦର ଖେଳୁଛି—ଆଉ (ଅଧା କହି ସଂଯୁକ୍ତାର ସନ୍ନିକଟକୁ ଚାଲିଯିବା)

ସଂଯୁକ୍ତା—ପ୍ରଭୁ !
( ଫୁଲମାଳଟିଏ ପୃଥ୍ୱୀରାଜଙ୍କ ଗଳାରେ ପିନ୍ଧାଇ ଦେବା )

ପୃଥ୍ୱୀରାଜ—ବସନ୍ତର ସମସ୍ତ ବୈଭବ ନେଇ ଧରଣୀ ଆଜି ଉଭା ହୋଇଛି—ପୁଷ୍ପର ସୁରଭି, ମଧୁପର ଗୁଞ୍ଜନ, ସ୍ୱପ୍ନିଳ ଜ୍ୟୋସ୍ନା-ବିଧୌତ ରଜନୀ ଓ ଏ ଉପବନ ହୃଦୟରେ ମୋର ସୃଷ୍ଟି କରୁଛି ଅପୂର୍ବ ସ୍ପନ୍ଦନ···କିନ୍ତୁ···ସଖି···

( ଅଶ୍ରୁଳ ନୟନରେ ସେ ବନ୍ଦ ହୋଇଯିବା )

( ଦୂରରୁ ଶିଙ୍ଗା ବାଜି ଉଠିବା )

ସଖି ! ( ଦୀର୍ଘ ନିଶ୍ୱାସ ପକାଇ )

ସଂଯୁକ୍ତା—ପ୍ରଭୁ ! ( ପୁନଃ ଶିଙ୍ଗା )
ଏ କି ଶବ୍ଦ ? ଏ ନିଶାର୍ଦ୍ଧରେ କିଂପା ଶୁଭେ ରଣଶିଙ୍ଗା ?

ପୃଥ୍ୱୀରାଜ—ସେଇଥି ପାଇଁକି ସଖି, ଏ ମଧୁର ରଜନୀ ନିମିଷକେ
ମିଶିଯାଏ କୁଳ କୁଣ୍ଠୀକା ଅଙ୍ଗେ – ଯୁଦ୍ଧ, ଯୁଦ୍ଧର ଡାକରା ସଖି
ହୋଇଛି ଗୋ ଆଜ – ପିତା ତୁମ, ସମୁଖ ଯୁଦ୍ଧରେ ହାର
ମହମ୍ମଦଘୋରୀଙ୍କୁ ନିମନ୍ତ୍ରଣ କରି ଆଣିଛନ୍ତି ତୁମରି ବିରୁଦ୍ଧେ—
ଯବନ ଆସିଛି ତାରି ଧରି ସର୍ବବଳ—ରଣ ଉନ୍ମାଦରେ
ସେ ଗୋ ଛାଡ଼ଇ ହୁଙ୍କାର । ( ଶିଙ୍ଗା ବାଜିବା )

ସଂଯୁକ୍ତା—( ଅଶ୍ରୁଳନୟନରେ )
ପ୍ରଭୁ !

ପୃଥ୍ୱୀରାଜ—ରାଣି !
ବିଦାଅଗୋ ମେଲାଣି ମୋତେ
ହସିହସି ହୃଦୟକୁ ଖୋଲି—
ଏ ସମୟେ—
ଅଶ୍ରୁ କିଂପା ତୁମରି ନୟନେ ?
କ୍ଷତ୍ରିୟ ନନ୍ଦିନୀ ତୁମେ !
ବୀର, ସାଧ୍ୱୀ ନାରୀ !
ଯୁଗେ ଯୁଗେ ରହିବ ଗୋ
ଆଜିର ଏ, ଅମର କାହାଣୀ ।
( ପୁଣି ଶିଙ୍ଗା ତୃତୀୟ ଥର ବାଜି ଉଠିବା )
ଯାଉଛି ମୁଁ ସଖି !
( ଚଞ୍ଚଳ ହେବା – ସଂଯୁକ୍ତାର ଗଳାରେ ଗୋଟିଏ
ରକ୍ତ ଗୋଲାପ ଗୁଂଜିଦେବା )
ସଂଯୁକ୍ତା—(ଚକ୍ଷୁରୁ ଲୁହପୋଛି) ପ୍ରଭୁ ! ( ଫୁଲମାଳଟିଏ
ପିନ୍ଧାଇଦେଇ ପୁଷ୍ପ ବୃଷ୍ଟି କରିବା )
( ରଣଶିଙ୍ଗା ପୁନଃ ପୁନଃ ବାଜି ଉଠିବା )

ପୃଥ୍ୱୀରାଜ—ଏଇ ସେଇ ରଣ ଶିଙ୍ଗା ହକାରଇ ମୋତେ,
ଏଇ ରାଜପୁରୀ, ପ୍ରିୟେ।ତବ ଚଞ୍ଚଳ ଅଞ୍ଚଳ,
ଦୂରେ ଠେଳ ଯାଉଛି ଗୋ ସମର ପ୍ରାଙ୍ଗଣେ—
ଜାଣେନା— ଜାଣେନା ଅବୋଧ ପ୍ରିୟା !
ଏ ଜୀବନେ ହେବ କି ନା ଦେଖା ।

ସଂଯୁକ୍ତା—ନିମିଷେ ରହନ୍ତୁ ପ୍ରଭୁ ! (ଅନ୍ତରାଳେ ଗଲେ— ଶୁଭଶଙ୍ଖ ବାଜିଲା— ବନ୍ଦାଣ ଥାଳିନେଇ ସେ ପୃଥ୍ୱୀରାଜଙ୍କୁ ବନ୍ଦାଇଲେ— ମଥାରେ ଦେଲେ ରକ୍ତ ସିନ୍ଦୂର ଟିପା— )

ଯାଅ ବୀର !
ରଣ ଭୂମେ ଦେଉଛି ବିଦାୟ,
ଅଶ୍ରୁର ଆରତି ନୁହେଁ, ନୁହେଁ ଏ ଯେ କ୍ରନ୍ଦନ ସମୟ ।
(କୃପାଣକୁ ଚୁମ୍ବନ କଲେ ଓ ପୃଥ୍ୱୀରାଜଙ୍କୁ ବଢ଼ାଇ ଦେଲେ—)
ଦେଉଚି କୃପାଣ ତୋଳ ବୀର-ସହଚର !
ଯାଅ ଅସୀ, ଅସୀଧାରୀ କରେ—
ପି···ପି···ଭୁ ରେ ଅରାତିର ରକ୍ତ—
ଦେବଭୂମି ଏ ଜନନୀ ଏ ଭାରତ ଭୂମି—
ତାର ବକ୍ଷେ କରେ ନୃତ୍ୟ ଶୃଗାଳ କୁକୁର ।
ଧ୍ୱଂସକର··· ଧ୍ୱଂସକର··· ରୁଦ୍ରକରବାଳ ! !
ଯାଅ ପ୍ରିୟ, ଯାଅ ରଣଭୂମେ—
କ୍ଷତ୍ରିଜାତ ମଥାମଣି ନୃପତିକେଶରୀ !
ମାତାର ସମ୍ମାନ ରକ୍ଷାକର ସଗୌରବେ ! !

( ପଦ ବନ୍ଦନା କରିବା— ଆରତି କରିବା— )

ପୃଥ୍ୱୀରାଜ—(ଆନନ୍ଦ ଓ ଉତ୍ତେଜନାରେ)

ସଂଯୁକ୍ତା ! ପ୍ରିୟା ମୋର ! ଧନ୍ୟା ତୁମେ !
ଧନ୍ୟା ତୁମେ ଭାରତମଣ୍ଡଳେ—
ତୁମରି ପରଶେ ଧନ୍ୟ ଚୌହାନ ଶକତି—
ଶକ୍ତି ସ୍ୱରୂପିଣୀ ଦେବୀ, ତୁମରି ଇଙ୍ଗିତେ—
ଦୁର୍ମତି ଯବନେ ଦିଏଁ ଉପଯୁକ୍ତ ଶାସ୍ତି !!
ମନେରଖ ସଖୀ ! ଆଜି ରଣେ—
ଯବନର ପରାଜୟ ଅଟଇ ନିଶ୍ଚିତ—
ନତୁ—
ନତୁ ନ ଫେରିବି ପୃଥ୍ୱୀରାଜ ରାଜ ଅନ୍ତଃପୁରେ ।

( ସଂଯୁକ୍ତାଙ୍କୁ ସ୍ପର୍ଶକରି—ଅସୀକୁ ନିଜ ମଥାରେ ଛୁଆଁଇ କ୍ଷିପ୍ର ଗତିରେ ଗମନ— ସଂଯୁକ୍ତା ସାଶ୍ରୁ ନୟନରେ ଚାହିଁ ରହିଲେ )

- ପରଦା -।



# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ ମହମ୍ମଦ ଘୋରୀଙ୍କ ଶିବିର—ସମସ୍ତ ସୈନ୍ୟ ନିଦ୍ରିତ ]

ମହମ୍ମଦ—ହିନ୍ଦୁସ୍ଥାନ ! ହିନ୍ଦୁସ୍ଥାନ !! ହିନ୍ଦୁସ୍ଥାନ ! ! !
ବହୁଦିନ ତୃଷ୍ଣା ଆଜ ହୋଇବ ମେଣ୍ଟନ
ହିନ୍ଦୁସ୍ଥାନ ହେବ ନିଶ୍ଚେ ମୋର କରଗତ—
ଜୟଚନ୍ଦ୍ର—
ଜୟଚନ୍ଦ୍ର !
ଧନ୍ୟ ତୁମେ ! ଧନ୍ୟ ତୁମ ଉଦାରତା,
ବନ୍ଧୁ ରୂପେ ନିମନ୍ତ୍ରଣ କରି
ସମର୍ପିଛ ମୋର କରେ ଅଖଣ୍ଡ ଭାରତ !
ଏଇ ସ୍ୱପ୍ନ! ଏଇ ସ୍ୱପ୍ନ !!
ବହୁବାର······
ବହୁବାର ଦେଖିଥିଲି ଦିବାଲୋକେ ।
କିନ୍ତୁ,······
ହଜିଯାଉଥିଲା ଦେଖି ବୀର ରାଜପୁତେ !
ଆଜି······

ହାଃ···ହାଃ···ହାଃ··· ··

ଯାଅ··· ଯାଅ ସୈନ୍ୟଗଣ !

ଯାଅ ସେନାପତି !

ଯାଅ ସର୍ବେ ହିନ୍ଦୁସ୍ଥାନର ଉନ୍ନତ ବକ୍ଷ ଉପରେ ରକ୍ତର ବୈତରଣୀ ଛୁଟାଅ······

( ସେନାପତି କୁତବଙ୍କ ପ୍ରବେଶ )

ଆସ, ଆସ କୁତବ !
କହିଯାଅ, କି ସମ୍ବାଦ ଦେଇଛନ୍ତି
ରାଜା ଜୟଚନ୍ଦ୍ର ? ଆମର ତଡ଼ିତ୍ ବେଗର ଆଗମନକୁ ସେ ସମର୍ଥନ କଲେ ତ ?

କୁତବ—ଜାହାଁପାନା ! ସମର୍ଥନ କେବଳ ନୁହେଁ—ଆମକୁ ପୂର୍ଣ୍ଣ-ପ୍ରାଣରେ ସାହାଯ୍ୟ କରିବେ, ତାଙ୍କର ସମସ୍ତ ସେନାମାନେ ଆଜି ରାଠୋରଜ ରାଜପୁତ ବୀର ।

ମହମ୍ମଦ—ବାଃ (ଆନନ୍ଦରେ)

କି ସୁଯୋଗ ! କି ସୁଯୋଗ କୁତବ !
ଏଣିକି ହିନ୍ଦୁସ୍ଥାନ ଆମର—

କୁତବ—ଆମର ଆଗମନରେ ଦିଲ୍ଲୀନଗରୀ ଆଜି କମ୍ପମାନ । ଲୋକମାନେ ତ୍ରସ୍ତବ୍ୟସ୍ତ ହୋଇ ପଳାୟନ କରୁଛନ୍ତି—

ମହମ୍ମଦ—ପଳାୟନ କରୁଛନ୍ତି ? (ଅଟ୍ଟହାସ)

କୁତବ—ହଁ ହଁ ଜାହାଁପାନା !!

ମହମ୍ମଦ—ଯାଅ କୁତବ, ଆଜ ସୁରାପାନରେ ସମସ୍ତ ସୈନ୍ୟମାନଙ୍କୁ ଗରମ କରଦିଅ — ଆଉ ମୋର ଶିବିରକୁ ପ୍ରେରଣ କର ଆଫ୍‌ଗାନର ନର୍ତ୍ତକୀ ।

କୁତବ—ଜାହାଁପାନା ! (ପ୍ରସ୍ଥାନ)

ମହମ୍ମଦ—ହାଃ···ହାଃ···ହାଃ···ହାଃ······

ଗୋଟିଏ ରାତର ଆୟୋଜନ—
ଚୂର୍ଣ୍ଣିଭୂତ କରଦେବ ପୃଥ୍ୱୀରାଜ ଓ ଜୟଚନ୍ଦ୍ରର ସୁନେଲି କଳ୍ପନା ।
ହିନ୍ଦୁସ୍ଥାନର ରାଣୀ ହେବ—
ମହମ୍ମଦର ରାଣୀ !
ଭାରତୀୟଙ୍କ ଭାଗ୍ୟଡୋରୀ ବନ୍ଧାହେବ, ଘୋର ଦେଶର ନବାବ ମହମ୍ମଦ ହାତରେ—
ଆଲ୍ଲା ! ଆଲ୍ଲା !! ଜୟ ଆଲ୍ଲା !
(କୁତବ ନର୍ତ୍ତକୀ ନେଇ ପ୍ରବେଶ)
(ସମସ୍ତଙ୍କ ହାତରେ ସୁରାର ବୋତଲ······)
ଆସ, ଆଫ୍‌ଗାନର ନର୍ତ୍ତକୀ ଆଉ ଘୋର ଦେଶର ନର୍ତ୍ତକୀ !
ପାଦର ନୁପୂରରେ ହିନ୍ଦୁସ୍ଥାନ ଉପରେ ସର୍ବେ ନୃତ୍ୟକର—
ପାଦର ଘୁ ଙୁଘୁରେ କମ୍ପାଇ ଦିଅ ହିନ୍ଦୁସ୍ଥାନର ଗୁମ୍ବଟାକୁ—
ଢାଳିଦିଅ ସୁରା—ସେଇ ସୁରା ସୁଅରେ ଶହଶହ ବର୍ଷପାଇଁ ଭାସିଯାଉ ହିନ୍ଦୁସ୍ଥାନ ! କୁତବ ! ନର୍ତ୍ତକୀମାନଙ୍କୁ ନାଚିବା ପାଇଁ ନିର୍ଦ୍ଦେଶ ଦିଅ—

କୁତବ—ଜାହାଁପାନା ! (ନର୍ତ୍ତକୀମାନଙ୍କୁ ନାଚିବାପାଇଁ ଇଙ୍ଗିତ ଦେବା—ନର୍ତ୍ତକୀମାନେ ସୁରାବୋତଲ ଧରି ନୃତ୍ୟ ଆରମ୍ଭ କଲେ—ମହମ୍ମଦ ଘୋରୀ ସୁରା ପାନକରି ଟଳଟଳ ହୋଇ ଆନନ୍ଦରେ ବିଭୋର ହେବା )

ମହମ୍ମଦ—(ଟଳଟଳ)

( କମରରୁ ତରବାରି ବାହାର କରିବା—ଗୋଟିଏ ନୃତ୍ୟ-କାରିଣୀ ହାତରୁ ସୁରା ବୋତଲ ଆଣି ତରବାରିକୁ ଧୋଇ କହିବା )

ଏହି ତରଓ୍ୱାଲ୍ !

ଏହି ତରଓ୍ୱାଲ୍ !

ଘୋର ଦେଶର ସୁରାରେ ସ୍ନାନ କରୁଛି—

କିନ୍ତୁ କାଲି ...

ହାଃ...ହାଃ...ହାଃ ...

ସ୍ନାନ କରିବ ଦୁଷ୍ମନର ଲାଲ ଖୁନ୍‌ରେ—ଲାଲ ଖୁନ୍‌ରେ (ଆନନ୍ଦରେ ପାଗଳପ୍ରାୟ) ଯାଅ କୁତବ—ନେଇଯାଅ ଏଇ ନର୍ତ୍ତକୀକୁ । ବିଶ୍ରାମ କର ନିଜର ଶିବିରରେ—ଏଇ ରଜନୀର ଶେଷାନ୍ତେ ରଣକ୍ଷେତ୍ରକୁ ଯିବାକୁ ହେବ—

କୁତବ—ଜାହାପାନା ! (ନର୍ତ୍ତକୀଙ୍କୁ ନେଇ ପ୍ରସ୍ଥାନ)

## ଦ୍ୱିତୀୟ ଅଙ୍କ—ଦ୍ୱିତୀୟ ଦୃଶ୍ୟ

[ ପୁରପଲ୍ଲୀ ଧାରେ ପୃଥ୍ୱୀରାଜଙ୍କ ଦୂତ—କାନ୍ଧରେ ଏକ ଡ୍ରମ୍, କମରରେ ଖଡ୍ଗ—ଡ୍ରମ୍ ପିଟିପିଟି ସେ ଗାଇଚାଲିଛି ଏକ ଜାଗୃତ ସଂଗୀତ ]

ଦୂତ—ସଂଗୀତ—ଜାଗରେ, ଜାଗରେ, ଜାଗରେ, ଜାଗରେ
ଜାଗ ଜାଗରେ ଜାଗ ଜାଗରେ
ଏ ଦେଶର ଯେତେ ବୀର ସୈନିକ
ସାଜ ସାଜରେ ଜାଃଭ-ଯାଗରେ ।

ମାତୃଭୂମି ଏ ଜନନୀ ଆମର ବନ୍ଦୀ ଅରାତି ହାତରେ
ମନ୍ଦ୍ରନାଦରେ ଗରଜ ଉଠରେ ପ୍ରଳୟ ଆହବେ ମାତ ରେ ।
ତନ୍ଦ୍ରଘୋହର ଦୂରେଇ ଦେଏ ରେ, ଖୋଲ ତୁ ତୃଷ୍ଣାୟ ନୟନ
ସିଂହଶାବକ କେତେ ରେ ଶୋଇବୁ ତେଜରେ ତେଜ ରେ
ଶୟନ !

କାନ୍ଦେ ଜନନୀ, କାନ୍ଦେ ଏ ଭୂମି ଅସ୍ତ ଅରୁଣ ଉଷାରେ
ସିକ୍ତ ହୋଇଛି ନୟନ ତାହାରି କରୁଣ ଦାରୁଣ ଭାଷାରେ ।
ମୁକ୍ତ ମଶାଲ ଜଳାଇ ଚାଲ ରେ ସ୍ୱାଧୀନମନର ବଳରେ
ଧ୍ୱସ୍ତ କର ତୁ ବଇରୀ ଗରବ ଉଷ୍ଣରୁଧିର ଜଳରେ ।

( ସେତିକବେଳେ କୃଷକଟିଏ ହଳଲଙ୍ଗଳ ଧରି କ୍ଷେତକୁ ଯାଉଥିଲା—ସେ ସଂଗୀତଟି ଶୁଣି ଠିଆହୋଇ ରହିଲା—ଯୁବକଟିଏ ପାଣି ନେଉଥିଲା—ସେ ବି ଦୂରରେ ଏକଲୟରେ ଛିଡ଼ାହେଲା—ଗାଁର ବହୁ ସଂଖ୍ୟକ ସ୍ତ୍ରୀ ଓ ପୁରୁଷ ଦୂତର ଚାରିପାଖ ଘେରିଗଲେ—ସମସ୍ତ ମୁଖରେ ଉଦ୍‌ବେଗର ଚିହ୍ନ ଉଙ୍କି ମାରୁଥାଏ — ଜଣାପାଉଥିଲା ସମସ୍ତେ ସେ ସଂଗୀତରେ ଆପ୍ଳୁତ )

ଦୂତ—ଭାରତର ମୋ'ବୀର ଭାଇ ଓ ବୀରା ଭଉଣୀମାନେ !

ଆଜି ଜନ୍ମଭୂମି ଶତ୍ରୁ ହସ୍ତରେ ବନ୍ଦିନୀ ହେବାକୁ ଯାଉଛି—ଆମ ମାଆ, ଆମର ମାଟିମାଆ—ଆମର ଭାରତ ଜନନୀ—ଆମର ଦିଲ୍ଲୀ ଅଧିଶ୍ୱରୀ ଲୁଣ୍ଠିତା ହେବ—ଦୁଷ୍ଟ ଯବନ ମହମ୍ମଦ ଘୋରୀକୁ ନିମନ୍ତ୍ରଣ କରି ଆଣିଛନ୍ତି ରାଜା ଜୟଚନ୍ଦ୍ର — ସେ ଚାହାନ୍ତି ଦିଲ୍ଲୀ ଅଧିଶ୍ୱରୀ ତାଙ୍କର ହେଉ - ହିନ୍ଦୁ ନାରୀ, ହିନ୍ଦୁ ମା'—ହିନ୍ଦୁକନ୍ୟା · ହିନ୍ଦୁ କୁଳ ବଧୂ · ·ହିନ୍ଦୁରାଜଲକ୍ଷ୍ମୀ

ଆଜି ପରାଧୀନ ହେବ— ଏହା କ'ଣ ତୁମେମାନେ ଦେଖି ପାରିବ ? ତୁମର ସମ୍ମୁଖରେ ତୁମର ମାଆର ଲୁଣ୍ଠନ କ'ଣ ସହ୍ୟ କରିବ ? ଆସ, ଆସ ଏ ଦେଶର ଆବାଲବୃଦ୍ଧ-ବନିତା ! ବୀରବେଶରେ ଆସ – ଜନ୍ମ ଭୂମିର ମାନ ସମ୍ମାନକୁ ବଜାୟ ରଖ—(କବି ପୁଣି ଡ୍ରମ୍ ପିଟି ପିଟି ଜାତୀୟ ସଂଗୀତ ଗାଇ ଗାଇ ପ୍ରସ୍ଥାନ କରିବା )

- ପରଦା -

## ଦ୍ଵିତୀୟ ଅଙ୍କ—ତୃତୀୟ ଦୃଶ୍ୟ

( ରଣଭୂଇଁ )

ମହମ୍ମଦ ଘୋରି—(ତଡ଼ିତ୍ ବେଗରେ ପ୍ରବେଶ କରି)
ସାବାସ୍···ସାବାସ୍···ଓଃ··· କୁତବ ! ( ବଡ଼ ପାଟିରେ )
[ତରବାରୀକୁ ନଚାଇ ନଚାଇ ଯୁଦ୍ଧ ଭୂଇଁର ଅପର ପାର୍ଶ୍ଵକୁ ଧାଇଁଯିବା—ଅନ୍ୟଦିଗରୁ ପ୍ରବେଶ କଲେ ରାଠୋରବଂଶୀ ପ୍ରଥମ ରାଜପୁତ ]

ପ୍ରଥମ ରାଜପୁତ—କାହିଁ ··· କାହିଁ ସେଇ ପୃଥ୍ଵୀରାଜ ! ଏଇ କୋଷମୁକ୍ତ ତରବାରୀ ମୋ'ର ପାନ କରିଥାନ୍ତା ତାର ଗର୍ବିତ ଉଷ୍ମ ରକତ— ହେଇ··ହେଇ ତ ରାଠୋର ରାଜପୁତ ବୀରେ ଛତ୍ରଭଙ୍ଗ ଦେଇ ପଳାୟନ କରୁଛନ୍ତି ରଣ ପ୍ରାଙ୍ଗଣରୁ—ଏଁ (ଆଶ୍ଚର୍ଯ୍ୟ) ରାଜା ଜୟଚନ୍ଦ୍ର ବି ? ଏଁ ସେନାପତି ମଧ୍ୟ ? ନିଜେ ମହମ୍ମଦଘୋରୀ ବି ଜୀବନ ନେଇ ଅଶ୍ଵପୃଷ୍ଠରେ ପଳାୟନ

କରୁଛନ୍ତି ? ଧନ୍ୟ, ଧନ୍ୟ ଅମର୍ଷି ! ଧନ୍ୟ କୁଳବୃଦ୍ଧ କ୍ଷତ୍ରିୟ ଗୌରବ····· ଧନ୍ୟତବ କୌଶଳ······

(ଦୂରରୁ ପୃଥ୍ୱୀରାଜଙ୍କ ଜୟଗାନ ଶୁଭିବା—)

ଅସହ୍ୟ······ଅସହ୍ୟ···

ଯେଉଁ ଅପମାନ ଦେଇଥିଲୁ ସଂଯୁକ୍ତାକୁ ଅଶ୍ୱରେ ବସାଇ, ସେଇ ପ୍ରତିଶୋଧ ନେଇଥାନ୍ତି, ସମ୍ମୁଖରେ ଯଦି ଥାଆନ୍ତୁ ପୃଥ୍ୱୀରାଜ !

ବୃଦ୍ଧସେନାପତି—( ରକ୍ତବୋଳା ତରବାରି କରେ ପ୍ରବେଶ) ମୁଁ ଆସିଛି ଯୁବରାଜ ! ଯୁଦ୍ଧରେ ମୋତେ ପରାସ୍ତ କଲେ ସିନା ତୁ ପୃଥ୍ୱୀରାଜଙ୍କୁ ପରାସ୍ତ କରିବୁ ?

ପ୍ରଥମ ରାଜପୁତ—ଜଣେ ବୃଦ୍ଧ ସହିତରେ ଜଣେ ଯୁବକର ଯୁଦ୍ଧ ଅସମ୍ଭବ ···

ବୃଦ୍ଧସେନାପତି—ନିର୍ଲଜ୍ଜ କୁକୁର ଦଳ ! ଭାରତର ଭାଗ୍ୟ ଶ୍ରୀ··· ଭାରତର ଲକ୍ଷ୍ମୀକୁ ବନ୍ଦିନୀ କରାଇ କେଉଁ ମୁଖରେ ଆସିଛ ପୃଥ୍ୱୀରାଜ ବିରୁଦ୍ଧରେ ଖଡ୍‌ଗ ଧାରଣ କରିବା ପାଇଁ ?

ପ୍ରଥମ ରାଜପୁତ— ବୃଦ୍ଧ ! ( ଗର୍ଜି ) ମୃତ୍ୟୁକାଳେ ବିପରୀତ ବୁଦ୍ଧି—

ବୃଦ୍ଧସେନାପତି—କ୍ଷତ୍ରିୟ ଜାତିର କଣ୍ଟକ ରାଜପୁତ—ବିଷ ଭକ୍ଷଣ କରି ଜୀବନ ତ୍ୟାଗ କରି ······

ପ୍ରଥମ ରାଜପୁତ—ନେ ତାହାହେଲେ ଉଚିତ୍ ପୁରସ୍କାର— (କମ୍ପ ଖଡ୍‌ଗରେ ବୃଦ୍ଧ ସେନାପତିଙ୍କୁ ଆଘାତ କରିବାକୁ ଉଦ୍ୟତ ହେବା ସମୟରେ ବୃଦ୍ଧ ସେନାପତି ପ୍ରବଳ ପ୍ରତିରୋଧ କରିବା

ଫଳରେ ଉଭୟଙ୍କ ଭିତରେ ଯୁଦ୍ଧ ଆରମ୍ଭ ହେବା—କିଛି ସମୟ ପରେ ପ୍ରଥମ ଯୁବରାଜ ଯୁଦ୍ଧରେ ହାରି ପ୍ରାଣ ନେଇ ପଳାୟନ କରିବା—)

ବୃଦ୍ଧ ସେନାପତି—ପଳାୟନ···?

୨ୟ ଯୁବରାଜ—ନା···? (କିନ୍ତୁ ଖଡ୍‌ଗ ଉତ୍ତୋଳନ କରି ଯୁଦ୍ଧ କରିବା—ବୃଦ୍ଧ ସେନାପତିଙ୍କ ତରବାରି ଆଘାତରେ ନିଜକୁ ସମ୍ଭାଳି ନ ପାରି ପଳାୟନ କରିବା)

ବୃଦ୍ଧ ସେନାପତି—କାହିଁ? ଜଣେବି ତ ବୀର ନାହିଁ?
(ରାଜା ଜୟଚନ୍ଦ୍ର ଏବଂ ମହମ୍ମଦ ଘୋରି ପ୍ରବେଶ କରୁ କରୁ)
ଯୁଦ୍ଧଭୂଇଁ ବୀରଶୂନ୍ୟ ନୁହେଁ ରେ ବୃଦ୍ଧ ଶୃଗାଳ—

ବୃଦ୍ଧ ସେନାପତି—ରେ ଘାତକ···! ଜାତି ଦ୍ରୋହୀ, ହୀନବୀର୍ଯ୍ୟ କ୍ଷତ୍ରିୟ ସନ୍ତାନ! କେଉଁ ମୁଖେ ଲୋଡ଼ୁଛୁ ରେ ଯବନର ଦୟା—ବିସ୍ମରି ନିଜର ଗୋତ୍ର, ନିଜର ଐତିହ୍ୟ ଏବଂ ନିଜ ବଂଶମାନ (ଜୟଚନ୍ଦ୍ରଙ୍କୁ ଚାହିଁ)

ଜୟଚନ୍ଦ୍ର—ହାଃ··· ହାଃ···ହାଃ···ବୃଦ୍ଧ! ଏଇ ତୋର ଉଗ୍ରତାର ଉପଯୁକ୍ତ ଶାସ୍ତି (କହି ବୃଦ୍ଧ ସେନାପତିଙ୍କୁ ଉଭୟେ ଆକ୍ରମଣ କରିବା—ବୃଦ୍ଧ ସେନାପତି ଆମରଣ ଯୁଦ୍ଧ କରିବା ନିଜ ଜୀବନକୁ ଭୁଲି—ଫଳରେ ପ୍ରଥମେ ରାଜା ଜୟଚନ୍ଦ୍ର ପଳାୟନ କରିବା ଓ ତାଙ୍କ ପରେ ପରେ ମହମ୍ମଦ ଘୋରି ବି)

ବୃଦ୍ଧ ସେନାପତି—ଶ୍ୱାନ ଦ୍ୱୟ! ସାମାନ୍ୟ ଜଣେ ବୃଦ୍ଧର ତରବାରି ସମ୍ମୁଖରେ ରମ୍ଭାପତ୍ର ପରି କଂପି ଉଠିଲ? ତାହାହେଲେ ବୀରଶ୍ରେଷ୍ଠ ପୃଥ୍ୱୀରାଜଙ୍କର କେଶାଗ୍ର ମଧ୍ୟ ସ୍ପର୍ଶ କରି ପାରିବ ନି···।

କୁତବ—(ପ୍ରବେଶ) ମହମ୍ମଦ ଘୋରି ବା ଜୟଚନ୍ଦ୍ରଙ୍କ ସାମାନ୍ୟ ପରାସ୍ତକୁ ତୁ ବୃତ୍ତାନ୍ତ ବୋଲି ଧରି ନେଇଛୁ ବୃଦ୍ଧ ? କୁତବକୁ ପରାସ୍ତ କଲେ ଜାଣିବ ତୁ ବୀର ?

ବୃଦ୍ଧ ସେନାପତି—ହାଃ...ହାଃ...ହାଃ... ( ଅଟ୍ଟହାସ୍ୟ) ବାଘ ଅଜା ଗୋସୁଁ ବାପ ଯୁଦ୍ଧରେ ପରାସ୍ତ ହୋଇ ତା'ର ପୁଅ ପୌତ୍ରାଦ୍ଧ ଆସିଛୁ ସମର ପ୍ରାଙ୍ଗଣେ—ଲେଉଟ ଯଦି ପ୍ରାଣଭିକ୍ଷା ଆସ ରେ ଯବନ, ସ୍ମରବାରେ ଇଷ୍ଟଦେବା ବୀର ରାଜପୁତ ! ତେବେ ତୋର ପ୍ରାଣ ଦାନ କରାଇବ ଅନୁକଂପା କହି ।

କୁତବ—ପ୍ରାଣ ଭିକ୍ଷା କରେ ନାହିଁ ଘୋର ଦେଶବୀର କୁତବ୍ ଉଦ୍ଦିନ୍...ଯଦି ବାଞ୍ଛାକରୁ କର ଥରେ ପ୍ରାଣଭିକ୍ଷା କୁତବ୍ ଉଦ୍ଦିନେ... ( କହି ରକ୍ତ ଜର୍ଜରିତ ତରବାରିରେ ବୃଦ୍ଧ ସେନାପତିଙ୍କୁ ଆଘାତ କରିବା—ମାତ୍ର ବୀରଶ୍ରେଷ୍ଠ ଅମର୍ଷି ବୃଦ୍ଧ ସେନାପତି ଟଳେହେଲେ ବିଚଳିତ ନ ହୋଇ ପ୍ରତିରୋଧ କଲେ ପ୍ରଚଣ୍ଡ ରୂପରେ—ହେଲୁ ବେଳ ଉଭୟଙ୍କ ସମର ଅନ୍ତ ଉଭୟଙ୍କର ରୂପଧାରଣ କଲ—ବୀର ଅମର୍ଷି ପ୍ରାଣ ମୂର୍ଚ୍ଛା ତରବାରି ଚଳାଇଲେ କୁତବଙ୍କ ଉପରେ—କୁତବ୍ ଅନ୍ୟ ଉପାୟ ନ ପାଇ—"ଆଲ୍ଲା" କହି ପଳାୟନ କରିବା )

ବୃଦ୍ଧ ସେନାପତି—କାହିଁ, ରଣ ତୃଷ୍ଣା ମେଣ୍ଟି ନାହିଁ ଆଜ ? (କହି ଯୁଦ୍ଧ ଭୂଇଁର ଅପର ପାର୍ଶ୍ୱକୁ କ୍ଷିପ୍ରଗତିରେ ଧାଇଁଯିବା—ଅନ୍ୟ ପାର୍ଶ୍ୱରୁ ପୁନଃ ପ୍ରବେଶ କଲେ ମହମ୍ମଦ ଘୋରି—ଚକ୍ଷୁଦ୍ୱୟ ଜ୍ୱଳନ୍ତ ଅଗ୍ନିପରି ଘୂର୍ଣ୍ଣାୟମାନ)

ମହମ୍ମଦ—ବାଃ, ସାମାନ୍ୟ ବୃଦ୍ଧଟାରେ ପରାସ୍ତ ସକଳ ? ... କି କୌଶଳ ତାର ଯୁଦ୍ଧ ! ! ଧନ୍ୟ ବୀର ! ଧନ୍ୟ ବୀର !

କୁତବ—ଜାହାଁପାନା ! ପୃଥ୍ୱୀରାଜଙ୍କ ବକ୍ଷ ଭେଦ କର ଅସ୍ତ୍ରଧାରଣ କରିବା ଅସମ୍ଭବ ।

ମହମ୍ମଦ—( ଉତ୍ତ୍ୟକ୍ତ ହୋଇ ) ଅସମ୍ଭବ ନୁହେଁ କହି, ବୀରର ଜାତକେ ? ଭୀରୁ ଦୁର୍ବଳର ମୁଖେ ଶୋଭେ ଅସମ୍ଭବ ବାଣୀ—କିନ୍ତୁ କୁତବ ! ତୁମେ ମୋର ପୁତ୍ର, ନୁହଁ କେବେ ଦାସ, ନୁହଁ କେବେ ଭୃତ୍ୟ ! ହିନ୍ଦୁସ୍ଥାନ ହେବ ଯେବେ ହସ୍ତଗତ ଆମ, ସ୍ୱର୍ଣ୍ଣପ୍ରସୂ ଭାରତ ଅଙ୍ଗନେ ଯୁଗ ପାଇଁ ବୀଜ ବକ୍ଷେପିବ ଯବନ ସନ୍ତାନ ! ହିନ୍ଦୁସ୍ଥାନ ହେବ ଆମରି—କଳେ ବଳେ କୌଶଳେ ହିନ୍ଦୁସ୍ଥାନ ହେବ ଆମର ! ହାଃ...ହାଃ···ହାଃ··· ହିନ୍ଦୁସ୍ଥାନ···ହିନ୍ଦୁସ୍ଥାନ···ହିନ୍ଦୁସ୍ଥାନ ଆମର !

କୁତବ—ମାଫ ମାଫ୍ କରନ୍ତୁ—ଶତ ଚେଷ୍ଟା କରି ସୁଦ୍ଧା ବିଫଳ ହୋଇଛ ଜାହାଁପାନା ?

ମହମ୍ମଦ—ବିଫଳ ? ହାଃ···ହାଃ···ହାଃ···!!! ଚାଲ, ଚାଲ ତେବେ ଶତ୍ରୁ ବକ୍ଷସ୍ଥଳୀ—କୂଟବଳେ ଭାଙ୍ଗିବ ମୁଁ ରାଜପୁତ ଶକ୍ତି—(କ୍ଷୀଣ ସ୍ୱରରେ) ଧର୍ମାନ୍ଧ ରାଜପୁତେ !

କୁତବ୍—ଅଶାନ୍ତ ଦୁର୍ଦ୍ଧର୍ଷ ଏଇ ବୀର ରାଜପୁତ—ଶତ ଶତ ଘାତ ପ୍ରତିଘାତ ପାଇସୁଦ୍ଧା ଲମ୍ଫ ଦେଉଛନ୍ତି ସର୍ବେ ଜୀବନକୁ ମୂର୍ଚ୍ଛି— ! ଓଃ ! କି ଆଶ୍ଚର୍ଯ୍ୟ ସେମାନଙ୍କର ଯୁଦ୍ଧର କୌଶଳ !!!

ମହମ୍ମଦ—ତଥାପି, ଘୋର ବଂଶୀବୀର ମହମ୍ମଦ ଘୋରି ହେବ ବିଜୟୀ । (ତରବାରିକୁ ଧରି) ଆଃ ! କି ଉଜ୍ଜ୍ୱଳ ! କି ତୀକ୍ଷ୍ଣ !! କି ବିଭତ୍ସ ! (ପ୍ରସ୍ଥାନ)

( ରକ୍ତବୋଳା ମୁକ୍ତ ତରବାରିହସ୍ତେ ବୃଦ୍ଧ ସେନାପତି ପ୍ରବେଶ )

ବୃଦ୍ଧ ସେନାପତି—ମହାରାଜ ! ଭୀତ ସନ୍ତ୍ରେ ପଳାୟନ କରୁଛନ୍ତି ଯବନ ଶମନ ! ସିଂହର ସହ ତ କେବେ ସମ୍ଭବ କି ଶୃଗାଳର ଯୁଦ୍ଧ, କାହିଁ ! କାହିଁ ରେ ଯବନ ! ଆସ ସର୍ବେ ହୋଇ ଏକ ଠୁଳ—ଇସ୍‌ପାତ୍ ବାହୁକୁ ମୋର କାର କରାଘାତ—କାହିଁ··· କାହିଁ···ଜଣେବ ତ ନାହିଁ ? ଛତ୍ରଭଂଗ··· ଛତ୍ରଭଂଗ··· । ମହାରାଜ ! ମହାରାଜ ! ଏକ ବୃଦ୍ଧ ସଙ୍ଗେ ଆଜ ଯବନ ସକଳ ହେବେ ନାହିଁ କେବେ ସମକକ୍ଷ—ନିପାତ କରିବ ମୁହିଁ ଶାଣିତ ଦାଢ଼ରେ—ଚପୁଡ଼ି ଯବନ ରକ୍ତ ପଖାଳିବି ଜନମୀର କେଶ—ଦ୍ରଉପଦୀ ଯାଜ୍ଞସେନୀ, ଜନ୍ମମାଟି ମମ, ମୁହିଁ ତବ ପୁତ୍ର ଅଟେ ଭୀଷ୍ମପଣ ନେଇ, ଭୀମବଳେ ଛିଣ୍ଡାଇବି ଯବନର ଜାନୁ ।

( ମହମ୍ମଦ ଘୋରୀ ରଣ ହୁଙ୍କାର ଦେଇ ଅତର୍କିତ ଭାବରେ ବୃଦ୍ଧ ସେନାପତିଙ୍କ ସମ୍ମୁଖକୁ ଡେଇଁ ପଡ଼ିବା )

ଆ ରେ ରେ ଯବନ ଶିଶୁ ପରାସ୍ତ ହୋଇ ସର୍ବଥା ଲେଉଟୁ ଯୁଦ୍ଧ କେଉଁ ସରମରେ ଏକୃପାଣ ଶୋଷିବ ତୋ ଉଦ୍ଧତ ରୁଧିର—ତୋର ରକ୍ତେ ପଖାଳିବେ କେଶ ତାଙ୍କ ଭାରତ ଜନନୀ !

ମହମ୍ମଦ– ପକ୍ୱକେଶ, ଚର୍ବିଲ କନ୍ଦୁକ ! ବୃଥାରେ ମରଣ କାଂକ୍ଷା କରୁଛ ବରଣ – ହିନ୍ଦୁସ୍ଥାନ···ହିନ୍ଦୁସ୍ଥାନ ନୁହେଁ କେବେ ହିନ୍ଦୁ ସନ୍ତାନର—ଶତ ଶତ ବର୍ଷଧରି ଯବନ ଶାସନର ଲୌହ ଚକ୍ର ତଳେ ହେବ ତମେ ସର୍ବଦା ପେଷିତ ।

ବୃଦ୍ଧ ସେନାପତି—ବୀର ମରେ ଥରେ—ମାତ୍ର ଭୀରୁ ମରେ ବହୁବାର । (ସେ ମହମ୍ମଦ ଘୋରୀଙ୍କ ଉପରେ ଆକ୍ରମଣ କରିବା—ପୁନର୍ବାର ଯୁଦ୍ଧ ଆରମ୍ଭ ହେବା—କ୍ଷତ ବିକ୍ଷତ ମହମ୍ମଦ ଘୋରୀ ବୃଦ୍ଧ ସେନାପତିଙ୍କ ତରବାରୀରେ ବହୁବାର କ୍ଷତ ବିକ୍ଷତ ହୋଇ ସୁଦ୍ଧା ଅଶେଷ ସାହସର ସହିତ ଯୁଦ୍ଧ କରିବା—କିନ୍ତୁ ମହମ୍ମଦ ଘୋରୀ ଆଉ ସମ୍ଭାଳି ନ ପାରି ଶେଷରେ ପଳାୟନ କଲେ । )

ଏଇ ତ ସାହସ ତୋର ଶୃଗାଳର ଶିଶୁ ! ରାଜପୁତ ଆମେ ସର୍ବେ ଭାରତର ଅଜେୟ ପାଚେରୀ, ସମ୍ଭବ କି ଯୁଦ୍ଧ ପୁଣି ଯବନ ପକ୍ଷରେ । (ପ୍ରସ୍ଥାନ)

( ଦୂରରୁ ଜୟ "ମହାରାଜ ପୃଥ୍ୱୀରାଜଙ୍କର ଜୟ" ଧ୍ୱନି ବିଘୋଷିତ ହେବା, ରାଜା ଜୟଚନ୍ଦ୍ର ରାଗରେ ଜର୍ଜର ହୋଇ ପ୍ରବେଶ କରିବା )

ଜୟଚନ୍ଦ୍ର—( ଯୁଦ୍ଧ ଭୂଇଁ ନିଶୂନ) ଯେଉଁ ସ୍ୱପ୍ନ ଗଢ଼ିଥିଲି ରଣର ପୂର୍ବରୁ, ସେଇ ସ୍ୱପ୍ନ ହଜିଗଲା ମରୀଚିକା ପଥେ—ହାୟ !! ହାୟ ମୋ କପାଳ ! କାହିଁ ? (ତରବାରୀକୁ ଚାହିଁ) କାହିଁ ତ ଏ ତରବାରୀ ପିଇ ନାହିଁ ପୃଥ୍ୱୀରାଜ ରକ୍ତ—କାହିଁ ତ ଏ ଛିଣ୍ଡାଇ ନି ତା ଗର୍ବିତ ଶିରକୁ—ପୃଥ୍ୱୀରାଜ ! ପୃଥ୍ୱୀରାଜ ! ଯଦି ମୁଁ ଭେଟନ୍ତି ଏଇ ନିର୍ଜନ ମୁହୂର୍ତ୍ତେ,କୃପାଣର ପରିଚୟ ଦିଅନ୍ତି ରେ ତୋତେ,ବିସ୍ତାରିତ ବକ୍ଷ ତୋର କରି ଦୁଇଫାଳ ରୁଧିର ପିଅନ୍ତି ମୁହିଁ ଡାକିନୀ ସମାନ—କିନ୍ତୁ ହାୟ ! ହାୟ ! ଭାଗ୍ୟ ତୋର ଅତି ତେଜୀୟାନ ! ( ସେତିକି ବେଳେ ପୃଥ୍ୱୀରାଜଙ୍କ ଜୟଗାନ ଶୁଭିବା) ଓଃ ! ସ୍ତବ୍ଧ ହେଉ କର୍ଣ୍ଣ ମୋର୍··· । ସ୍ତବ୍ଧ ହେଉ

ଏ ବଳନେଲା— ପୃଥ୍ୱୀରାଜ•••ପୃଥ୍ୱୀରାଜ !! ବନ୍ଦକର•••
ବନ୍ଦକର•••ତୋର ଗର୍ବର ଚିତ୍କାର । ବାଜିବନି କେବେ
ତୋର ବିଜୟର ଶିଙ୍ଗା । ଓଠାରୁ ଆଣିବ ନିଷ୍ଟେ ନିଜ ବାହୁ
ବଳେ —

( ପ୍ରସ୍ଥାନ ଓ ଅନ୍ୟପାର୍ଶ୍ୱରୁ ପ୍ରବେଶ କଲେ ମହମ୍ମଦ
ଘୋରୀ ଲଜ୍ଜା ଓ ଅପମାନରେ ମଥାକୁ ତଳକୁ କରି ଘୁରିବା-
କାଳରୁ ସମୟପରେ ମଥାଟେକି ଦୂରକୁ ନିରୀକ୍ଷଣ କରିବାବେଳେ
ପୃଥ୍ୱୀରାଜ ଓ ତାଙ୍କର ସୈନ୍ୟ ସେନାନୀମାନେ ଜୟଗାନ ଗାଇ
ଜୟ ପତାକା ଉଡ଼ାଇ ଅଶ୍ୱ ପୃଷ୍ଠରେ ପ୍ରତ୍ୟାବର୍ତ୍ତନ କରିବା—
ମହମ୍ମଦ ଘୋରୀ ଏହା ଦେଖି ଅଧୈର୍ଯ୍ୟ ହେବା—ହୃଦୟ
ଭିତରେ ପ୍ରବଳ ରାଗ, ପ୍ରତିହିଂସା ଓ ପ୍ରତିଶୋଧର ବାତ୍ୟା-
ବହିବା—ସେ ଆହତ ସିଂହ ପରି ଗର୍ଜିଉଠିବା)

ମହମ୍ମଦ—ଗର୍ବିତ ଜୟ ପତାକା ଉଡ଼େ ତୋର ପୃଥ୍ୱୀରାଜ ! ତଥାପି
କଣ୍ଟକଶୂନ୍ୟ ନୁହେଁ ତୋ' ଜୀବନର ପଥ—ପ୍ରତିଜ୍ଞା କରୁଛି,
ମୋର କୋରାନକୁ ଛୁଇଁ, ନିଶ୍ଚୟ ବନ୍ଦୀ କରିବ ସମର
ପ୍ରାଙ୍ଗଣେ—ଲୁଚି ଭୁ କ ପାରିବୁରେ ତୋ' ଗୁହାରେ ରହି ?
ଜୟ ଆଲ୍ଲା ! ଜୟ ଆଲ୍ଲା !! ଜୟ ଆଲ୍ଲା !!! ଦିଅ, ଦିଅ ମୋତେ
ଶକ୍ତି•••ଦୁର୍ଜେୟ ହୋଇ ନ ରହୁ ରାଜପୁତ ଜାତି ! ଯବନକରୁ
ରାଜତ୍ୱ ଶତ ଶତବର୍ଷ , ଯୁଗପାଇଁ ଘୋଷୁ କୀର୍ତ୍ତି ଇତିହାସ
ପୃଷ୍ଠା !

[ ପ୍ରସ୍ଥାନ ]

—ପରଦା—

# ଦ୍ୱିତୀୟ ଅଙ୍କ—ଚତୁର୍ଥ ଦୃଶ୍ୟ

( ପ୍ରାସାଦର ଦକ୍ଷିଣ ପ୍ରାନ୍ତ ପ୍ରାଙ୍ଗଣ ଉପରେ ମୁକ୍ତ କେଶୀ ସଂଯୁକ୍ତା — ହସ୍ତରେ ଏକ ମୁକ୍ତ ତରବାରି — ଚକ୍ଷୁରେ ଖଣ୍ଡ ପ୍ରଳୟର ଅଗ୍ନି )

ସଂଯୁକ୍ତା—ଯେଉଁ ସିମନ୍ତମି ଟୀକା ଦେଇଛ କପୋଳେ ! ତାହା କି ଲିଭାଅ ତୁମ ନିଜ ହସ୍ତେ ତୁମେ ? ମୋ' ପାଇଁ ପାଷାଣ ତୁମେ ହୁଅ ଚଉଦାହା—ମୋ' ପାଇଁ ଗରଳ ଦିଅ ଦୟାମାୟା ଗୁଡ଼ି—ଦିଅ, ଦିଅ ମୋର ହଳାହଳ ବିଷ ଭକ୍ଷିବି ମୁଁ ବୈଧବ୍ୟ ପୂର୍ବରୁ – (କ୍ଷଣେ ଚିନ୍ତାକରି) ତାତ ! ଏକମାତ୍ର କନ୍ୟା ମୁହିଁ ତୁମକୋଳେ ଜାତ—କିନ୍ତୁ ଏକି ଅବିବେକ କର୍ମ କରିଛ ମୋ' ପାଇଁ ? କନ୍ୟା ମୁହିଁ ! କପୋଳ ସିନ୍ଦୂର ତୁମେ ଲିଭାଉଛ କରେ—କ୍ଷମତା ପାଇଁକି ଆଜି ହୋଇଛ ପାଗଳ—ଭୁଲି ତୁମ କନ୍ୟା, ଭୁଲି ଜନ୍ମଭୂମି ନିମନ୍ତ୍ରଣ କରିଅଛ ଯବନଙ୍କୁ କିମ୍ପା ? କ୍ଷତ୍ରିୟ ସନ୍ତାନ ବୋଲି ଗର୍ବ କର କେତେ—କିଂତୁ କ୍ଷତ୍ରିୟର ନିଦର୍ଶନ ଦେଇଛ କି ଆଜି ? ଦେଶ ବୁକେ ବୋଳି ନିଜେ କଳଙ୍କର ଲେପ—ମୁକ୍ତି କି ପାଇବ ନିଜେ ଯବନ ହାତରୁ ? ଯଦି ଲିଭେ କପାଳ ସିନ୍ଦୂର—କନ୍ୟା ହୋଇ ଅଭିଶାପ ଦିଏ ଅସ୍ତ ହେଉ ତୁମ ଭାଗ୍ୟରବି !!

( ପୃଥ୍ୱୀରାଜ ପ୍ରବେଶ କରି )

ପୃଥ୍ୱୀରାଜ—କି କଥା କହିଲ ସଖୀ ନିଜ ପିତା ପାଇଁ ? କନ୍ୟା ହୋଇ ଅଭିଶାପ ଦିଅ ତେବେ ପିତାର ନିଧନେ— କିଂତ

ରହୁ ଚନ୍ଦ୍ରର କାଳିମା—ବଂଶ ରହୁ ରାଜା ଜୟଚନ୍ଦ୍ର—ଯାର ପରି ମରୁ ପଛେ ଯାର, ପୃଥ୍ୱୀରାଜ ! କିଂତୁ ଗୋ ନ ଦିଅ ସଖୀ ଅଭିଶାପ ତୁମେ !

ସଂଯୁକ୍ତା—(ଚମକି ପଛକୁ ଚାହିଁ) ପ୍ରଭୁ ! (କହି ଧାଇଁ ଆସିବା ଓ ପୃଥ୍ୱୀରାଜ ନିଜ ବକ୍ଷରେ ତୋଳି ଧରିବା) କି ଭାଗ୍ୟ ମୋହର ? ହେ ପ୍ରଭୁ ଚରାଚର ଅନ୍ତର୍ଯାମୀ ! ତୁମେ ମହା ଦୟାଶୀଳ ହେ ଦିନ ବାନ୍ଧବ ହରି ! ଦିଅ, ଆଶୀର୍ବାଦ ବଜ୍ର ହେଉ ଏଇ ସ୍ୱର୍ଣ୍ଣ ଚୂଡ଼ି—

ପୃଥ୍ୱୀରାଜ—ପାଗଳୀ ! ଭାରତର ରାଜକନ୍ୟା, ଭାରତର ରାଣୀ, ତଥାପି ସନ୍ଦେହ କିଂପା ଈଶ୍ୱରଙ୍କଠାରେ !

ସଂଯୁକ୍ତା—ନିନ୍ଦିଛି କେତେ ମୁଁ ସେଇ ପଦ୍ମନାଭ ଠାରେ—ଦେଇଛି ଅନେକ ଗାଳି ପ୍ରଭୁ ହୃଷିକେଶେ !!

ପୃଥ୍ୱୀରାଜ—ତାହାହେଲେ କ୍ଷମା ମାଗ ଶ୍ରୀଚରଣ ତଳେ—

ସଂଯୁକ୍ତା—(ମୁଣ୍ଡ ନୁଆଁଇ ପ୍ରଣତି କରିବା)

ପୃଥ୍ୱୀରାଜ—ଧ୍ୟାନକର ସଖୀ ସଦା ବନ୍ଦ କରତାଙ୍କୁ—ତାଙ୍କରି ମହିମା ବଳେ ମୁହିଁ ଆଜ ସଖୀ, ବିଜୟକେତନ ଧରି ବାହୁଡ଼ିଛି ପାଶେ—

ସଂଯୁକ୍ତା—ତୁମର ଦର୍ଶନ ପାଇଁ ଥିଲି ବ୍ୟାକୁଳତା—ପାଗଳୀ ସମାନ ପ୍ରଭୁ ବୁଲୁଥିଲି ଅଗଣା ଉପରେ—କିଂତୁ ପାଇ ତବ ସାକ୍ଷାତ୍ ଅଧୁନା ପିଣ୍ଡରେ ରହିଲା ପ୍ରାଣ—

ପୃଥ୍ୱୀରାଜ—ସିନ୍ଦୂର ରେଖା ଯା' କଲେ ହୋଇ ଜକ ଜକ···ହସ୍ତର କଙ୍କଣ ଯାର ବଜ ରୂପ ନିଏ···ତାହାର ସଂସାରେ କିଏ

କରେ ବକ୍ରା ଘାତ ? ସ୍ୱୟଂ ଚକ୍ରଧାରୀ ମଧ୍ୟ ବାହୁଡ଼ନ୍ତେ
ବୈକୁଣ୍ଠ ଭୁବନେ ।

ସଂଯୁକ୍ତା—ତଥାପି ଡେଇଁଲା କଂପା ମୋ' ଡାହାଣ ଜାନୁ—ଡାହାଣ
ନେତ୍ର ଡେଉଁଛି ପାଗଳ ସମାନ—ହୃଦ୍‌କଂପ ଆସଇ କେତେ
ହୃଦୟପୁରେ ମୋର—

ପୃଥ୍ୱୀରାଜ—ଦିବାସ୍ୱପ୍ନ ଯଦି ସତ୍ୟ ହୁଏ—ସତ୍ୟ ଗୋ ହୋଇବ ତୁମ
ଅଙ୍ଗର କଂପନ—ଭୟ ତୁ ନ କର ସଖୀ, ଚାଲ ଅନ୍ତଃପୁରେ,
ତୃଷାର୍ତ୍ତ ପ୍ରାଣକୁ ବାରେ କରିବା ଶୀତଳ—
(ଦୂରରୁ ଯୁଦ୍ଧର ଶିଙ୍ଗା ତୂରୀ ବାଜି ଉଠିବା ଫଳରେ
ପୃଥ୍ୱୀରାଜ ସାମାନ୍ୟ ଚମକି ଉଠିବା) ହାୟରେ ମୋ'
ଭାଗ୍ୟ !!!

ସଂଯୁକ୍ତା—ଏକି ତୂରୀ—ଏ କି ଶିଙ୍ଗା ବାଜେ ଅସମୟେ—??

ପୃଥ୍ୱୀରାଜ—ଯୁଦ୍ଧର ଡାକରା ପୁଣି ଆସିଛି ଗୋ ସଖୀ! ଯବନ ଆସିଛି
ନଷ୍ଟେ ପ୍ରତିଶୋଧ ପାଇଁ—ଆରମ୍ଭିବ ଯୁଦ୍ଧ ସେହି ଭୀଷଣ
ରୂପରେ—ବାରମ୍ବାର ଛତ୍ର ଭଂଗ ଦେଇ, ତଥାପି ଯବନ
ଚୋର ମୁଖେ ନାହିଁ ଲଜ୍ଜା—ସମର ଲୋଡ଼ୁଛି ବାରେ ଭାରତ
ବୁକୁରେ—କ୍ଷତ୍ରିୟ ଜାତିକେ ନାହିଁ, ଏକ ପଂକ୍ତି ଲେଖା
ପଳାତକେ ମାରିବାକୁ ପୃଷ୍ଠେ ଅନୁସରି—ନଚେତ୍ ଲଭିଥାନ୍ତୁ
ଭୂଞ୍ଜ ରକ୍ତର କବର !! ଅନାର୍ଯ୍ୟ ସମର ଆମେ ଜାଣି ନାହୁଁ
କେବେ—ଦୁର୍ବଳ ଉପରେ ଅବା କରିନାହୁଁ ଜୁର, ଏଇଥି
ପାଇଁ କି ଆମେ ହିନ୍ଦୁ ଆର୍ଯ୍ୟସୁତ, ଅଣ ହିନ୍ଦୁଠାରେ ହେଉ
ପରାସ୍ତ ସକଳ—ହେଉ, ନେଉଛି ମେଲାଣି ସଖୀ ରଣାଙ୍ଗନ
ପାଇଁ—ଉଦ୍‌ବେଳ ହେଉଛି ବକ୍ଷ ଶୁଣି ଶିଙ୍ଗା ଶଙ୍ଖ—
(ପୁନର୍ବାର ଶିଙ୍ଗା ତିନିଥର ବାଜିବା—ଦୂରରୁ କୋଳାହଳ)

ସଂଯୁକ୍ତା—ଯାଅନା ଯାଅନା ପ୍ରଭୁ ଅଶୁଭ ଶକୁନେ—ବେଦନା
ଆଣଇ ପ୍ରାଣେ ଜାଗଇ ହୃଦ୍‌କଂପ—ସଂଯୁକ୍ତାର ମଥାମଣି
ରହ ଗୋ ପ୍ରାସାଦେ—

ପୃଥ୍ୱୀରାଜ —ଏକ ଅସମ୍ଭବ କଥା, ଉଚାରିଲ ରାଣୀ ?
ପୃଥ୍ୱୀରାଜ ବଧୂ ତୁମେ ବୀରର ରମଣୀ !
ବୃଥା ଆଶଙ୍କା ନ କର ଭାବିନୀ !

ସଂଯୁକ୍ତା—(ସାଶ୍ରୁ ନୟନରେ)
ନା···ନା···ଯାଅ ତୁମେ—
ପନ୍ଥରେ ଛନ୍ଦିବ ନାହିଁ ମମତାର ଡୋରି—
ଜନନୀ ଆହ୍ୱାନେ ବୀର ! ଯାଅ···ଯାଅ ରଣେ ତୁମେ—
(ବୀର ଦର୍ପରେ ପୃଥ୍ୱୀରାଜ ସଂଯୁକ୍ତାଙ୍କଠାରୁ ବିଦାୟ ନେଇ ପ୍ରସ୍ଥାନ—ସଂଯୁକ୍ତା [illegible]ଙ୍କ ଯିବା ପଥକୁ ଚାହିଁ)
ଯିବ ନକେ ଯୁଦ୍ଧ ସେଦିନେ ଏକୁପାଣ ଧରି—
କଳଙ୍କିତ ପିତାର ବୁକୁରେ ଦେବ ପ୍ରଥମେ ଆଘାତ—
ତା'ପରେ —
ଯବନେ କରି ମନ୍ଥନ ଦେଖାଇବ ସିଂହିନୀର ବଳ—
ସାଜିବ ଚଣ୍ଡିକା ମୁହିଁ ଖଡ୍‌ଗଧରି କରେ—
ଅରାତି ରକତ ଢ଼ାଳି ଅଂଗ ଦେଶେ ମୋର,
ସଂଯୁକ୍ତା ନୁହେଁ ଦୁର୍ବଳ ଯବନର ପାଶେ—
ଥିବା ଯାଏ ପ୍ରାଣ ତାର ଉନ୍ମାଦିନୀ ଅଙ୍ଗେ—ସ୍ପର୍ଶିତାରେ
ନ କରିବେ କେହି ।
( ତରବାରି ନଚାଇ ନଚାଇ ) [ ପ୍ରସ୍ଥାନ ]

— ପରଦା —

## ଦ୍ୱିତୀୟ ଅଙ୍କ—ପଞ୍ଚମ ଦୃଶ୍ୟ

( ରାଜପଥ ଉପରେ ରାଜା ଜୟଚନ୍ଦ୍ରଙ୍କର ଦୁଇଜଣ ନଗର ବାସୀ—ସମସ୍ତେ ସୈନିକ ବେଶ )

୧ମ ନ: ବାସୀ—ହଇହେ, ବେହ୍ୱପୁଅ ନାଗରଜା ! ଏକ କଥା ?

୨ୟ ନ: ବାସୀ—ଆରେ ଗୁଲ···ଗୁଲ ··· ସେଦ୍ଦନ—ପରି ଯୁଦ୍ଧ ଲୁଆଡ଼େ ରଜାର ସିପେଇ ଥିବେ ନା ?

୧ମ ନ: ବାସୀ—କ'ଣ ହେବ ?

୨ୟ ନ: ବାସୀ—ବୁଡ଼ାଖୁ ବାହାରିବ···ସାଇଁ ଫଟ୍···ସାଇଁ ଫଟ୍··· ସାଇଁ ଫଟ୍···ତା'ପରେ ଯାହାହେବ ନା, କ'ଣ କହିବି— ଆରେ ଭାଇ ତୋ' ମାଇକିନା ସଂଙ୍ଗ ସଂଗେ କାଚ ଦୁଇମୁଠା ଫିଟେଇ ଦେବ—

୧ମ ନ: ବାସୀ—କିରେ ବେହ୍ୱପୁଅ ନାଗର ! ତୋ ପାଟି କ'ଣ ଭରି ବନ୍ଦଯାଇଛି ?

୨ୟ ନ: ବାସୀ—(ଗାଲକୁ ଆଉଁସି ) କାହିଁ ନାଇଁତ ? ସବୁଆଡ଼ୁ ଗୁଲ୍ ଗାଲ୍ ଅଛିରେ ?

୧ମ ନ: ବାସୀ—ଶୁଣୁଛ ··· ଭୁ··· ଭୁ··· ଭୁ ··· ମୁସଲମାନଟା ଏଠାରେ ରାଜାହେବୁ ?

୨ୟ ନ: ବାସୀ—କ···କ···କଣ କହିଲୁ ? ମୁଁ···ମୁଁ ··ମୁଁ ମୁସଲମାନ ? ହାଇରେ ହାଇ, ବାମୁଣ ପିଲା ହୋଇ ମୁସଲମାନ —ଚୁ···ଚୁ···ଚୁ··· ମୋର ପଇତା ମାରି ହେବ—ଆଉ କେବେ ଏପରି କଥା କହିଲେ, ତୋ' ମୁଣ୍ଡଟାକୁ ଛିଣ୍ଡି କରେଇ ଦେବ—

୧ମ ନ: ବାସୀ—ଛତ୍ରୁ ? "ଆହା ମୋର ଛତ୍ରୁରେ···
ନିତି ତୁଇ ମୋ ବାଡ଼ି ଫୁଟ୍ଟରେ···
ଚୋ' ଶୁଆଣୀ ତୋତେ ଆଣି—କେସ୍ତୁର ହଳଦୀରେ
ଲୁଟେରେ—"

କ'ଣ କରିବ—କେହି ପୁଅ ନାଗର—ମୋ' ଜଭରୁ ଆଜଯାଏ ଲାଳ ବାହାରୁଚ ( ଜଭରୁ ଲାଳ ବାହାର କରିବା )

୨ୟ ନ:ବାସୀ— ହେଇ ଦେଖିଲୁଣି ? (ଦୂରକୁ ଦେଖାଇ)

୧ମ ନ:ବାସୀ—ସିପେଇରେ···ସିପେଇ···(ପଳାୟନ କରିବା)

୨ୟ ନ:ବାସୀ—ଆରେ ରହରେ ··· ଆରେ ରହରେ ··· ···

( ପଳାୟନ କରିବା—ଅନ୍ୟପାର୍ଶ୍ୱରୁ ଜୟଚନ୍ଦ୍ରଙ୍କର ସିପାହୀ ଦୁଇ ଜଣଙ୍କର ପ୍ର[illegible]ଶ — ହାତରେ ବନ୍ଧୁକ୍ )

୧ମ ସିପାହୀ—କ'ଣ ହେବ କହିଲୁ ?

୨ୟ ସିପାହୀ—ଖମ୍ବଆଳୁ ଭଜା··ଆଉ ମୁଗଡାଲି ସିଝା ···

୧ମ ସିପାହୀ—ଭଜା ଖାଇବୁ ? ମୁସଲମାନଙ୍କ ପଶିଯାଇଛନ୍ତି—ଆଉ ଆମର ରାଜା ବି······

୨ୟ ସିପାହୀ—କନ୍ତୁ ଆମେ ମଲେ—ସେ ତାର ଝିଅପାଇଁ, [illegible]ଉ ନିଜେ ବଡ଼ ରଜାହେବା ପାଇଁ ଯୁଦ୍ଧ କରିବ—ମୁସଲମାନଙ୍କ ଆମଘରୁ ଧନସଂପତ୍ତି ଲୁଟିନେବ, ଆଉ······

୧ମ ସିପାହୀ—ସତେ—(ଆଖିଦ'ଟା ବଡ଼ ବଡ଼ କରି—ପାଟିକୁ ମେଲା କରିବା)

୨ୟ ସିପାହୀ—ମାନ ଭାଇ ଗୋଟିଏ କଥା —ରାଜା ଘୋ[illegible] କରିଚନ୍ତି······(କହି ବନ୍ଦହୋଇଯିବା)

୧ମ ସିପାହି—କ'ଣ ?

୨ୟ ସିପାହି—ପୃଥ୍ୱୀରାଜଙ୍କ ମୁଣ୍ଡ ?

୧ମ ସିପାହି –ଉହୁଁ—(ଗୁଣ୍ଡରେ ଚ୍ଛେପ ପକାଇବା) ଆଉ କଇବୁନ ଭାଇ ··· କଇବୁନ ··· ସେ ରଜାର ଲୋକ ଆମ ଗାଁରେ ଗୁ ପ୍ତରେ ଲୁଚି ରହିଛନ୍ତି—ଜାଣିଲେ ଆମ ପିଲେଙ୍କ ପାଣି—

(ହଠାତ୍ ୧ମ ଓ ୨ୟ ନଗରବାସୀଙ୍କର ଅକାଡରେ ପ୍ରବେଶ)

୧ମ ନ:ବାସୀ—ଆଁ—(ଆଖି ବଡ଼ବଡ଼ କରି ଗୃହିଁବା)

୨ୟ ନ:ବାସୀ—ଖା—ବହି ଚୂଡ଼ା ଗୁଡ଼······

୨ୟ ସିପାହି— ଧର ··· ଧର ··· ଧର ··· ଏମାନଙ୍କୁ, ଯୁଦ୍ଧକୁ ଯାଇନାହିଁ··· ??

୧ମ ନ:ବାସୀ—ହଜୁର ମୋ' ପିଲାମାଇପ ଦାଣ୍ଡରେ ଗଡ଼ିବେ··· ହଜୁର ହଜୁର···ହଜୁର···

୨ୟ ସିପାହି – ଆବେ ଚୁଲୁ ଛୁନା···ଥଣ୍ଡା ଖେଳୁଛୁ—

(ଚୁବୁକ ଦେଖାଇବା)

୧ମ ନ:ବାସୀ – ହଜୁର ଯିବ··· ଯିବ······

୧ମ ସିପାହି—ଚ୍ଲ୍···ଚ୍ଲ୍···ଚ୍ଲ୍······

୧ମ ନ:ବାସୀ – ହଜୁର ବେହିପୁଅ ନାଗ ରାଜ !

୨ୟ ସିପାହି—କ'ଣ ?

୧ମ ନ:ବାସୀ—ମୋ' ଧରମପୁଅ ବେହିପୁଅ ନାଗରାଜ !

୨ୟ ସିପାହି—ତୁ ଚ୍ଲ—ତା'ପରେ ସେ—(ଚୁବୁକ ଦେଖାଇ)

୧ମ ନ:ବାସୀ—ନା···ନା···ନା···ଯାଉଛି···ଯାଉଛି···ବେହିପୁଅ ନାଗରାଜ······

୨ୟ ନ:ବାସୀ—ଯା···ଯା···ଯାରେ ମୋ' ପୁଅର······
(ବନ୍ଦ ହୋଇଯିବା)

୧ମ ସିପାହି—ହୁଁ···ଜାଣିଲି, ତୁମେ ସେଇ ଦୁଇଜଣ ତ ?

୧ମ ନ:ବାସୀ—କଉ ଦୁଇଜଣ ହଜୁର !

୨ୟ ସିପାହି—ହଜୁର ଫଜୁର କିଛି ନାହିଁ—ଚାଲ ଯୁଦ୍ଧକରିବା···

୨ୟ ନ:ବାସୀ—ଯୁଦ୍ଧ ତ ଆମେ ଜାଣିନୁ—

୧ମ ସିପାହି—ଜାଣିନା—ତେବେ ଦେଖ—( ଅଣ୍ଟାରୁ ଖଣ୍ଡା ବାହାର କରି ) ଆହେ ପରମ ସିଂ ଆସ, ୟାଙ୍କ ଆଗରେ ଯୁଦ୍ଧ କରିବା—

୨ୟ ସିପାହି—ଠିକ୍—ଦେଖିବା, ଆଜି କିଏ ହାରେ ଜିତେ ?

(ଉଭୟଙ୍କ ଭିତରେ ଯୁଦ୍ଧ ଆରମ୍ଭ ହେବା ସମୟରେ ୧ମ ଓ ୨ୟ ନଗରବାସୀ ଦ୍ୱୟ ପଳାୟନ କରିବା—ଏବଂ କିଛି ସମୟପରେ ପ୍ରଥମ ସିପାହି ଯୁଦ୍ଧକୁ ବନ୍ଦକରିବା )

୧ମ ସିପାହି—ଆରେ ପରମ ସିଂ, ସେମାନେ ତ ଛୁ······

୨ୟ ସିପାହି—ଛୁ'ରେ ଗୃହଅଙ୍ଗ—

୧ମ ସିପାହି—ପରମ ସିଂ ଥିଲେ ଏୟା ହୁଏ—

୨ୟ ସିପାହି—ଧରମ ସିଂହ ଥିଲେ ଲୋକ ବାଲୁଙ୍ଗା ହୁଏ—

୧ମ ସିପାହି—ହାଁ—(ମୁଣ୍ଡହଲାଇ)

୨ୟ ସିପାହି—ହାଁ—(ମୁଣ୍ଡହଲାଇ ଆଗୁ ଦେଖିବା (କିଏ ବାହାରେ ବାହୁସ୍ଫୋଟମାରି ଯୁଦ୍ଧପାଇଁ ପ୍ରସ୍ତୁତ ହେବା) ମୁଁ ବି ପରମ୍ ସିଂ—

୧ମ ସିପାହୀ—ମୁଁ ଧରମ୍ ସିଂ—(ବାହୁସ୍ଫୋଟ ମାରିବା)

(ଯୁଦ୍ଧର ବାଜା ବାଜିବା—ଉଭୟେ ଚମକି ଯିବା)—

ଆସ୍ତୁ ଥାଉ···ଥାଉ···ଯୁଦ୍ଧପରେ ଏଇ ଜାଗାରେ ତୁମର ଆମର ଦେଖା । ସେଇଦିନ 'ବୁଝିବ ଧରମ ସିଂ—ମୋ' ନାଁ ଧରମ ସିଂହ ନୁହେଁ ଯେ ବୀର ସର୍ଦ୍ଦାର ସିଂ—ପ୍ରସ୍ଥାନ—

—ପରଦା—

## ଦ୍ୱିତୀୟ ଅଙ୍କ—ଷଷ୍ଠ ଦୃଶ୍ୟ

( ଯୁଦ୍ଧଭୂଇଁ )

ପୃଥ୍ୱୀରାଜ—ମା !

ସର୍ବଦାୟିନୀ ମା !!

ଆଶୀର୍ବାଦ ଦେଏ ବାରେ –

ଏ ପୁତ୍ରର ଶିରେ—

ପାଇଥିବ ଆଶୀର୍ବାଦ ବୀର ପରଶୁରାମ !

ନିକ୍ଷେତ୍ରୀୟ କରିଥିଲେ ଧରଣୀ ବୁକୁରେ—

ସେଇ ଭିକ୍ଷା·····

ସେଇ ଭିକ୍ଷା ମାଗେ ମାତ ଏ ସଂକଟ ବେଳେ ।

ପବିତ୍ର ମୋ' ଜନ୍ମଭୂମି ଅତିହିଁ ପବିତ୍ର !

କିଂତୁ କେଁ ଜନନୀ ଆଜି—

ଯବନ ସ୍ପର୍ଶରେ—

ଅପବିତ୍ର ହୋଇଅଛି ଆର୍ଯ୍ୟପୂତ ଭୂମି ।

କିହ୍ବା ଦାର କ୍ଷତଭଂଗ ଦେଇସୁଦ୍ଧା

ନିର୍ଲଜ ଯେ ଯବନ କୁମର
ଆସିଅଛି ରଣପାଇଁ ଖିଆଲ ସ୍ୱପ୍ନରେ ।
ମାସଲେ ଜନମି ତୁଇ
ସାହାହେଲେ ବାରେ—
ଯବନେ ଯିବେ ପଳାଇ ସ୍ୱର ନିଜ ଗୋଦେ ।
( ଯୁଦ୍ଧବାଦ୍ୟବାଜିବା—ପୃଥ୍ୱୀରାଜ ତରବାରି କୋଷମୁକ୍ତ
କରିବା )
ତରବାରିକୁ ଚୁମ୍ବି) ଏଇତ ମୋ' ବଜ୍ରବାହୁ—
କ୍ଷତ୍ରିୟର ମଣି !
କ୍ଷତ୍ରିୟ ପରମବନ୍ଧୁ ! କ୍ଷତ୍ରିୟର ସଖା !
ଜୟଚନ୍ଦ୍ର—(ପ୍ରବେଶ କରି) ସ୍ୱପ୍ନକି ଦେଖୁଛ ଏଇ ସମର ଭୂଇଁରେ !
ପୃଥ୍ୱୀରାଜ—ସ୍ୱପ୍ନନୁହେଁ ଜୟଚନ୍ଦ୍ର !
ସ୍ୱପ୍ନ ନୁହେଁ କେବେ—??
ସ୍ୱପ୍ନ ତ ଗଢ଼ୁଛ ତୁମେ ହିନ୍ଦୁସ୍ଥାନ ପାଇଁ
ଏକଛତ୍ର ତଳେ ତୁମେ ହୋଇବ ରାଜନ—
ଆଉ ସେଥିପାଇଁ—
ନିମନ୍ତ୍ରିଛ ଯବନ ବୀରକୁ ।
କ୍ଷତ୍ରିୟ ସନ୍ତାନ ହୋଇ ମାତୃଭ୍ରଷ୍ଟ ହେଇ
ଭାରତ ବୁକୁରେ ଆଜି ଯବନ ଡକାଇ—
କେଉଁ କାର୍ତ୍ତି ଗଢ଼ିଛହେ ଦର୍ପାନ୍ଧ କ୍ଷତ୍ରିୟ ?
ଆଣିଛ ନିଜର ପାଇଁ—
ଶତ୍ରୁ ନିଜେ ଡାକି—
ସେହି ଶତ୍ରୁ ହେବ ରାଜା
ଦିଲ୍ଲୀ ସିଂହାସନେ !

ଜୟଚନ୍ଦ୍ର—ବେଶ୍...ବେଶ୍ ସୁନ୍ଦର ତୁମର ସ୍ୱପ୍ନ !
ମାତ୍ର...
ସେ ସ୍ୱପ୍ନର ବେଳ ଆଜ ଯାଇଛି ହେ ଭଣ୍ଡ—
ଯାଉ ଯଦି ରକ୍ଷାକର ଜୀବନ ତୁମର
ନଚେତ୍—(ଖଡ୍‌ଗ ଉତ୍ତୋଳନ କରିବା)

ପୃଥ୍ୱୀରାଜ—ଠିକ୍...
ଠିକ୍... ...।
ତୃଷାର୍ତ୍ତ ସମର ଭୂଇଁ ପିଉଥରେ କଳଙ୍କିତ ରକ୍ତ।
ଭାରତ ବୁକୁରେ ତୁମେ ବିଶ୍ୱାସ ଘାତକ
କୃତଘ୍ନର ପରିଚୟ ଦେଇ—
ଯେଉଁ କୀର୍ତ୍ତି ଗଢ଼ିଅଛ—
ଇତିହାସ ପୃଷ୍ଠେ...
ଏ ଜାତି ଘୋଷିବ ତାହା ସହସ୍ର ମୁଖରେ।
ଧିକ୍...ଧିକ୍...ଧିକ୍ · ତୁମ ନିର୍ଲଜ ଜୀବନ।

(ତରବାରି ଉତ୍ତୋଳନ କରିବା—ଉଭୟଙ୍କ ଭିତରେ ଯୁଦ୍ଧ ଆରମ୍ଭ ହେବା—ଯୁଦ୍ଧର ରୂପ ବେଳୁଁ ବେଳ ଭୀଷଣ ରୂପ ଧାରଣ କରିବା— ଜୟଚନ୍ଦ୍ର କ୍ଷତ ବିକ୍ଷତ, ରକ୍ତ ଜର୍ଜରିତ ହୋଇ ଶେଷରେ ପ୍ରାଣରକ୍ଷା ନିମନ୍ତେ, ପଳାୟନ କରିବା)

ଏଇତ—
ଏଇତ ଯୁଦ୍ଧ ଭୂଇଁରୁ ଯାଉଛ ପଳାଇ...
ପଳାତକେ ବଧିବାକୁ ନାହିଁ ଶାସ୍ତ୍ରେ ଲେଖା—
ନଚେତ୍—
ଜୟଚନ୍ଦ୍ର ! ଜୟଚନ୍ଦ୍ର ! ଲଭିଥାନ୍ତ ରକ୍ତର କବର।

ଇସ୍ ······
ଯବନଆସନ୍ତି ପୁଣି ପିପିଲିକା ସମ—
ଆର୍ତ୍ତନାଦ ଶୁଭୁଅଛି ରାଜପୁତ କ୍ଷେତ୍ରେ—

( ଯୁଦ୍ଧ ଭୂଇଁର କେନ୍ଦ୍ରସ୍ଥଳକୁ ଧାଇଁବା—ମହମ୍ମଦ ଘୋରୀ ଅପର ଦିଗରୁ ପ୍ରବେଶ କରିବା )

ମହମ୍ମଦ ଘୋରୀ—ହାଃ···ହାଃ · ହାଃ···
ଆତଙ୍କ ସୃଷ୍ଟିକରିଛି ଶତ୍ରୁର ବକ୍ଷରେ···
ପଳାଇ ଯାଆନ୍ତି କେତେ ବୀର ରାଜପୁତ
ତଥାପି···
ତଥାପି ଆପ୍ରାଣ କରନ୍ତି ଯୁଦ୍ଧ—
ଅଦ୍ଭୁତ ସାହସେ ।
ଧନ୍ୟ, ଧନ୍ୟବୀର !
ଧନ୍ୟ, ରାଜପୁତ !
ହିନ୍ଦୁସ୍ଥାନ ପରେ ତୁମେ ଅଜେୟ ପ୍ରାଚୀର ।
ହେଇ······
ହେଇତ ବୀର କେଶରୀ ! ବୀର ପୃଥ୍ୱୀରାଜ !
ଯୁଦ୍ଧକରେ ସିଂହ ଦର୍ପେ ଲକ୍ଷାଧିକ ଯବନ ମଧ୍ୟରେ··
ଶହ ଶହ ଢଳି ଯା'ନ୍ତି···
ତରବାରି ଧାରେ···
ଇସ୍···
ଛତ୍ରଭଂଗ ଦେଲେ ପୁଣି ଯବନ ସଇନେ··
ଛତ୍ରଭଂଗ ଦେଲ୍ ପୁଣି କୁତବ୍ ଉଦ୍ଦିନ !

( ଯୁଦ୍ଧ ଭୂଇଁରୁ "ଜୟ ମହାରାଜା ପୃଥ୍ୱୀରାଜାଙ୍କ ଜୟ"—ଗାନ ଶୁଭିବା—ମହମ୍ମଦ ଘୋରୀ ଅଥୟ ବୋଧକରି କ୍ଷୀପ୍ର ଗତିରେ ଖଡ୍‌ଗ ଉତ୍ତୋଳନ କରି ନିଜ ପକ୍ଷ ସମୀପକୁ ଧାଇଁଯିବା—ସେଇ ସମୟରେ ମୁକ୍ତକେଶୀ ସଂଯୁକ୍ତା ହାତରେ ଏକ ରକ୍ତବୋଳା ତରବାରୀ ଧରି ପ୍ରବେଶ )

ସଂଯୁକ୍ତା—କାହିଁ······ ?

କାହିଁ ସେହି ଦେଶ ଦ୍ରୋହୀ ପିତାମହ ସମର ପ୍ରାଙ୍ଗଣେ—
ଉନ୍ମାଦିନୀ······
ଉନ୍ମାଦିନୀ କରାଇଲ ମୋତେ ।
ଭାରତର ଶିରୀ ତୁମେ ହୋଇଅଛ ଜାଳି
ଭାରତମାତାର ମୁଖେ ଲଗାଇଛ କାଳି
ବଳି ଦେଇଅଛ ତୁମେ ଭାରତ ସନ୍ତାନେ—
କୋଟି କୋଟି ବୀର ରାଜପୁତ !
ସସମ୍ମାନେ କରନ୍ତି ସମର ।
ରଣଚଣ୍ଡୀ ଗୀତ ଗାଏ—
ଭୈରବୀର କଣ୍ଠେ—
କାଳ ଆସେ କାଳାନ୍ତକ ପାଶଧରି ହସ୍ତେ ।
ବନ୍ଦୀନି ହୋଇବ ଆଜ ଭାରତ ଜନନୀ !
ଏ ପୀଠର ଝିଅ !
ଏ ପୀଠର ବୋହୂ !
ଏ ପୀଠର ମାଆ !
ଉଃ··· ··
ଏଇତ ପଳାଇଯାନ୍ତି

ବୀର ରାଜପୁତ !
ଲୌହର ମୁଷଳ କିଏ ବୁଲଉଛି କରେ—
ଜାଳଦେଉ ଅଛି କିଏ ପ୍ରଳୟର ଅଗ୍ନି.....
ଝରି ଯାଉଅଛି କେତେ ଜୀବନ କଳିକା
ହାୟ ! ହାୟରେ ଏ ମାଟିପୁଅ—
ହାୟ ତୋର ଭାଗ୍ୟ—
ଯବନ ରଚିବ ମାଡ଼ି ବୈଜୟନ୍ତୀ ଗାଇ ।

( କୋଳାହଳ ଶୁଭିବା — ସଂଯୁକ୍ତା ଅଥୟବୋଧକରି ଖଡ୍‌ଗ ଉତ୍ତୋଳନ କରି ଧାଇଁବା—ଅପର ପାର୍ଶ୍ବରୁ ପୃଥ୍ବୀରାଜ ରକ୍ତାକ୍ତ ହୋଇ ପ୍ରବେଶ କରିବା—"ଜୟ ମହମ୍ମଦ ଘୋରୀଙ୍କ" ଜୟ ଗାନ ଶୁଭିବା )

ପୃଥ୍ବୀରାଜ— ତଳେପଡ଼ିଯାଇ)
ତୃଷ୍ଣା·· ତୃଷ୍ଣା···ତୃଷ୍ଣା··· (ବାଷ୍ପାକୁଳ)
ମା··· ମା··· ମା···
ମୃତ୍ୟୁପୂର୍ବରୁ··· (ବାଷ୍ପାକୁଳ)
ତୋତେ ଦେଇଗଲି ଯବନ ହାତରେ—
ସ୍ବର୍ଣ୍ଣମୟୀ ମାଆ ମୋର—
ହୀରକ ମୁକୁଟ ତୋର
ହେଲା ପଦାନତ ।
କୁଳାଙ୍ଗାର ପୁତ୍ର ମୁହିଁ
ଜନ୍ମିଥିଲି ତୋହର ଗରଭେ —
ଉଃ ·· ଉଃ··· ଉଃ···
ମା··· ମା··· ମା···

ନେଉଛୁ ବିଦାୟ ମାଉ !
ଶ୍ରୀଚରଣ ତଳୁ—
କୁଳବୃଦ୍ଧ ! ଶ୍ରେଷ୍ଠବୀର !
କାହିଁଗଲ ? କାହିଁଗଲ ?
ତୃଷ୍ଣା··· ତୃଷ୍ଣା ··

( ପ୍ରାଣତ୍ୟାଗ କରିବା— କିଛି ସମୟପରେ ବୃଦ୍ଧ ସେନାପତିଙ୍କ ପ୍ରବେଶ— )

ବୃଦ୍ଧ ସେନାପତି—(ପୃଥ୍ୱୀରାଜଙ୍କୁ ରଣଭୂଇଁରେ ମୃତ ଅବସ୍ଥାରେ ଦେଖି ଅବାକ୍ ଓ ଆଶ୍ଚର୍ଯ୍ୟ ହେବା—ସମଗ୍ର ପୃଥ୍ୱୀ ତାଙ୍କୁ ଅନ୍ଧକାର ଜଣାଯିବା—ମୁଣ୍ଡ ଘୂରିଯିବା—ମାତ୍ର ସେ ନିଜକୁ ସମ୍ଭାଳି ପାଗଳପରି ପୃଥ୍ୱୀରାଜଙ୍କ ମୃତଶରୀର ଟାକୁ କୋଳଇ କରି ପକାଇବା )

ଉଠ ·· ଉଠ ·· ଉଠ ··
ଉଠ ବୀର ! ହେ ବୀର କେଶରୀ !
ନିଦ୍ରା ତବ ଭଗ୍ନ କରିବାରେ ।
ଶୋଇଛ କାହିଁକି ବୀର ଧୂସର ଭୂମିରେ—
ଅଭିମାନ କରି ଶେଷେ ନିଜେ ଗଲ ଚାଲି ।

( ପୃଥ୍ୱୀରାଜଙ୍କୁ ତଳେ ଥୋଇ ଗଣ୍ଡଦେଶରେ ଚୁମ୍ବନ ଦେଇ )

ନା··· ନା · ନା···
ଭାରତ ଗୌରବ ରବି ଆଜି
ଅସ୍ତଗଲେ ବାରୁଣୀ ଗଗନେ !
ଅସ୍ତହେଲା ସମସ୍ତ ବୈଭବ···
ଅସ୍ତମଧ୍ୟ ପୂର୍ଣ୍ଣିମାସୀ ଇନ୍ଦୁ !

ଏ ପୀଠେ ଯବନ ପୁଅ କରିବ ରାଜୁତି—
ମାସ ମାସ, ବର୍ଷ ବର୍ଷ···ଯୁଗ··· ଯୁଗପାଇଁ
ଏଗାରଶ ଏକାନବେ...
ଛୟାନବେ ସାଲ...
ଫେରିବନି ଏ ପୀଠକୁ ନୂତନ ସକାଳେ ।
ବୁଡ଼ିଗଲା··· ବୁଡ଼ିଗଲା··· ବୁଡ଼ିଗଲା···
ସଂଜର ବାରତା ନେଇ—
ଭାଗ୍ୟରବି ବୁଡ଼ିଗଲା ଆମ ଦିଗ୍‌ବଳୟ ତଳେ ।
ହେବୀର !
କରିଲ ଅମର ନିଦ୍ରା—
ଏ ଜାତି ବକ୍ଷରେ—
ଗାଇଲ ଅମର ଗୀତି
ଏ ଜାତି କଣ୍ଠରେ—
ପୂର୍ଣ୍ଣହେବ ଅଭିଳାଷ ତବ !
ଧ୍ୱଂସ ହେବେ ଏ ଯବନ କୁଳ
ଧ୍ୱଂସ ହେବ ଅରାତିର ବଳ
ଦେଖିବ—
ଦେଖିବ ହେ, ହେ ବୀର କେଶରୀ
ସ୍ୱାଧୀନ ହୋଇବ ନିଶ୍ଚେ ଭାରତ ଜନନୀ !

( କାନ୍ଦିକାନ୍ଦି ରୁଦ୍ଧ କଣ୍ଠରେ ପ୍ରସ୍ଥାନ )

—ପରଦା—

## ଦ୍ୱିତୀୟ ଅଙ୍କ—ସପ୍ତମ ଦୃଶ୍ୟ

[ ରାଜପଥ ଉପରେ ଜୟଚନ୍ଦ୍ରଙ୍କର ପ୍ରଥମ ଓ ଦ୍ୱିତୀୟ ସିପାହୀଦ୍ୱୟ ]

୧ମ ସିପାହୀ—ବାଃ… ବାଃ … ବାଃ ରେ … ? ? ଏମିତି ଯୁଦ୍ଧ ! ମୋ' ଜୀବନରେ କେବେ ଦେଖି ନ ଥିଲି—ମୋ' ବାପ, ମୋର ଅଜା— ମୋର ଜେଜେ ବାପ, ମୋର ଗୁଁ ସୁବାପ, ମୋର ପଣିବାପ ଓ ମୋର ଅଣିବାପ, କେହି କେବେ ଶୁଣି ନ ଥିବେ ? କି ଦେଖି ବି ନ ଥିବେ… ବାଃ… ବାଃ… ବାଃ… ବାଃ…

୨ୟ ସିପାହୀ—କହୋ, ତୁମେ ତ ଏ ବକାର ଝୁଅ— ଆଉ ବାପ, ଗୁଁ ସୁବାପ… ଫୁଁ ସୁବାପ… ନୁଁ ସୁବାପ… ଭୁଁ ଷୁବାପ କଥା କପର ଜାଣିଲ ?

୧ମ ସିପାହୀ —ଆହେ - "ତେନ୍ତୁଳୀ ପତ୍ରର ସରୁସରୁ
ମୋ' ଆଈ ପେଟରେ
ମୋ' ମାଆ ଥିଲୁ—
ମୁଁ ଇ ଝୁଲୁ ଥିଲି ଠୁ ରୁଠରୁ" — ମାନେ, ମୁଁ ମା' ପେଟରେ ଥିଲାବେଳେ ମୋ' ବାପ ବଞ୍ଚିଥିଲେ—

୨ୟ ସିପାହୀ—ତା'ପରେ—

୧ମ ସିପାହୀ—ମୋର ଜେଜେଙ୍କ ସମୟରେ ମୁଁ ମୋ ପଣଆଈଙ୍କ ପେଟରେ ଥିଲି—

୨ୟ ସିପାହୀ—ତା'ପରେ—

୧ମ ସିପାହୀ—ମୁଁ ମୋର···ମୋର ଜେଜେଙ୍କ ପୂର୍ବରୁ ମୁଁ ତାଙ୍କ ମା' ପେଟରେ ଥିଲି—

୨ୟ ସିପାହୀ—ଧେତ୍. କୁସ୍ମାଣ୍ଡ !

୧ମ ସିପାହୀ–ଏଁ, ମୁଁ କୁସ୍ମାଣ୍ଡ ? ଆଉ ତୁ··· ?

୨ୟ ସିପାହୀ—ମୁଁ ରାଜା !

୧ମ ସିପାହୀ—ସତେ ?

୨ୟ ସିପାହୀ—ହଁ, ଦେଖ, ମୁଁ ଏଇଠି ସିଂହାସନ ଉପରେ ବସୁଛି—ତୁ ମୋ'ତେ ପଙ୍ଖା ଦେଏ—

୧ମ ସିପାହୀ—ଠିକ୍ ଅଛି···

୨ୟ ସିପାହୀ—(ଗୋଟିଏ ପଥର ଉପରେ ବସି ନଶ ମୋଡ଼ିବା) ମୁଁ ରାଜା···ମୁଁ ରାଜା···ଏଇ ପଥର ଉପରେ ମୁଁ ରାଜା ! ଆଉ ସମସ୍ତେ ପ୍ରଜା···ମୁଁ ରାଜା···ଆଉ ସମସ୍ତେ ପ୍ରଜା··· ମୁଁ ରାଜା···

୧ମ ସିପାହୀ—(୨ୟ ସିପାହୀର ପିଠି ଉପରେ ବସି) ମୁଁ ରାଜା··· ଆଉ ସମସ୍ତେ ପ୍ରଜା ··· ତୁ ଖାଇବୁ ଖଣ୍ଡି ଖଜା—ଜ ଖଣ୍ଡି ମିରଗ ଲଣ୍ଡି···

୨ୟ ସିପାହୀ—(ଉଠିପଡ଼ି) ଦେଖିବୁ ?

୧ମ ସିପାହୀ–ଦେଖିବୁ ?

୨ୟ ସିପାହୀ—କ'ଣ ?

୧ମ ସିପାହୀ—ବେଙ୍ଗ କାଂଜ ତୁଣ—

୨ୟ ସିପାହୀ—ଏଁ··· । ତୋର ବହପ ତ କମ୍ ନୁହେଁ ? ହୁଁ···

(ବାହୁସ୍ଫୋଟ ମାଇବା)

୧ମ ସିପାହୀ—(୨ୟ ସିପାହୀକୁ ପଛକର ଠିଆହୋଇ)
ଆସ...ଆସ୍...ମୋ'ପଛ ପାଖେ ଯୁଦ୍ଧକର...

୨ୟ ସିପାହୀ—ଯୁଦ୍ଧବେଳେ ବନାକେତେ ଘୁଷୁରିପର ଖାଇ ବୋଧହୁଏ ମେଦବୃଦ୍ଧି ହୋଇ ଯାଇଛି—ନଇଲେ ଖାଲି ... ଯୁଦ୍ଧ ... ଖାଲି ଯୁଦ୍ଧ ...! କହୋ, ଯୁଦ୍ଧ କଲାବେଳେ ତ କଆଁରି ହୁଡ଼ା ... କଉ ଖାଲ ଭିତରେ ଲୁଚିଥାଅ ... ଆଉ ଏତେ ଫୁଟାଣି କାହିଁକି ?

୧ମ ସିପାହୀ—ତୁମେ କଉ ଯୁଦ୍ଧକର କି ? କହିବ... (ଛେପଢୋକ) କହିବ...କହିବ......

୨ୟ ସିପାହୀ—କହୁ ନା— ?

୧ମ ସିପାହୀ—"କହିବନି, କହିଲେ ଏ ଘରେ ରହିବ ନି"— ତମେ ଆଉ ମୁହଁ ଦେଖାଇ ବାଟ ଚାଲିପାରିବ ତ ?

୨ୟ ସିପାହୀ—କ'ଣ ବେଶୀ ଅଧିକଥା କରିଛ କି ? କହିବ, କହିବ... ମୋର ଇସ୍ତ୍ରିରୀପାଖରେ ତାଟି କଣେ ଲୁଚିଥିଲ—ଏତିକି ତ ?

୧ମ ସିପାହୀ—ବାଃ...ବାଃ ..ବାଃ ରେ ଝଣ୍ଟିଆ ବୀର !
ଯୁଦ୍ଧକଲାବେଳେ

"ମା' ଅଭୟ ବରଦାୟିନୀ ଗୃହିଣୀଙ୍କ—
ମୋ' ପିଲାଙ୍କୁ ଆଉ ଖା—
ମୋତେ ଘଣ୍ଟ ଘୋଡେଇ ରଖିଥାଅ—ସ୍ତ୍ରୀଙ୍କ ପଣତ କାନରେ
ଲୁଚି ରହିବ ?"—

୨ୟ ସିପାହୀ—ଆରେ ସେତିକି ତ ତୁମ ଭାଗ୍ୟରେ ନାହିଁ—ମୁଣ୍ଡ ତ ମାଇପ ନାହିଁ, ଏକଥା ଆସିବ କୁଆଡ଼ୁ ?

୧ମ ସିପାହୀ—ଆଗୁ···ଆଗୁ ରେ ଗଣ୍ଡିଧନ ··ମଳାମଣି···ରସମଣି··· ରସରଜା, ଆଜ ରାଜାଙ୍କ ଆଗରେ ପଡ଼ିବ—

୨ୟ ସିପାହୀ—ତୁମ କଥାକୁ ରାଜା କାନ ଡେରିଛନ୍ତି— କହୋ, ରାତିପାହିଲେ ମୁସଲମାନ ପୁଣି ଆମ ରାଜା ସଂଗେ ଯୁଦ୍ଧ କରିବ...

୧ମ ସିପାହୀ—ମରିଗଲି ଲୋ ମା—(କହି ପେଟକୁ ଜାକିଧରିବା)

୨ୟ ସିପାହୀ—କହୋ କ'ଣ ହେଲା ?

୧ମ ସିପାହୀ—ଯୁଦ୍ଧ ନାଆଁ ଶୁଣୁ ଶୁଣୁ ମୋ' ଅନ୍ତବୁଜୁଳା ଖସି ପଡ଼ୁଛି—(ଥରିଥରି) ଉଃ ! ମୋ' ମୁଣ୍ଡ ବାଳ ଉଡ଼ି ଯାଉଛି— କ'ଣ କରିବ ? କି ଯୁଦ୍ଧ ! ହାଇ·· ହାଇ·· ହାଇ···ଏଇଥରକ ପୁଅମାଇପ ଦାଣ୍ଡରେ ଗଡ଼ିବେ— ହାଇ··· ହାଇ··· ହାଇ··· ପଠାଣ ଗୁଡ଼ାକର ଦୟାମାୟା ନାହିଁ— ହାଇ · ହାଇ··· ହାଇ··· ପେଟଟାକୁ ଭୁଷୁକେଇ ମୁଣ୍ଡ ଦହି ଚକ ଦେବେ ଖାଇ···ହାଇ ହାଇ···ହାଇ···

୨ୟ ସିପାହୀ--ସତେ ? (ଚାଟିକୁ ମେଲାକରି) ତାହାହେଲେ ତୁ ମରିଗଲେ ତୋ'ପିଲା ଛୁଆ ମୋର···

୧ମ ସିପାହୀ—ଏତେ ବହପ ? ଦେଖିବୁ ଦେଖିବୁ ଦେଖିବୁ··· ତୋର କଥା ଲୁହା କୁଆଡ଼େ ଛଡ଼େଇଦେବ ? ଏଣିକି ରାଜା ମୋତେ ବୀରବାହାଦୁର ହାବିଲ୍ଦା[illegible]ବୁ କହିବେ— [illegible]ତୁ ହେବୁ ମୋର ଚାକର— ଦେଖ ତ··· ଦେଖ ତ ମୋର ଗୋଡ଼ଟା କ'ଣ ହେଲା ? (ଗୋଡ଼ ବଢ଼ାଇବା)

୨ୟ ସିପାହୀ—କ'ଣ କହି[illegible] ହୁଁ !

୧ମ ସିପାହୀ—କହିଲି···(ସେତିକବେଳେ ଶିଙ୍ଗା ବାଜଉଠିବା—)
ଏ କ'ଣ କରେ ବାପ ! (ଥର ଥର) ଯୁଦ୍ଧ··· ଯୁ···ଦ୍ଧ··
ପୁଣି···ଯୁ · ଦ୍ଧ··· ଓଃ ! ମୋ ପେଟ ବଥାକଲାଣି ··· ??
(ତଳେ ବସିବା)

୨ୟ ସିପାହୀ—ଓଃ ! ମୋ' ମୁଣ୍ଡ ଘୁରିଗଲାଣି—(ପ୍ରଥମ ସିପାହୀ ନିକଟରେ ଶୋଇବା--ମାତ୍ର ବାରମ୍ବାର ଶିଙ୍ଗା ଶବ୍ଦ ଶୁଣି) "ମା ଭୈରବୀ ତୁ ରଖ ଲେ···ମା ଭୈରବୀ ତୁ ରଖ ଲେ···ମା ଭୈରବୀ ତୁ ରଖ ଲେ"! (ଗଡ଼ି ଗଡ଼ି କହିବା) (ଅନ୍ୟଦିଗରୁ ୧ମ ଓ ୨ୟ ଗ୍ରାମବାସୀଙ୍କ ପ୍ରବେଶ)

୧ମ ଗ୍ରାମବାସୀ—ଏ କ'ଣ ଲେ ବାପା ? (ବଳିବଳେଇ)

୨ୟ ଗ୍ରାମବାସୀ—ସିପେହୀ ରେ··ସିପେହୀ ··

୧ମ ଗ୍ରା:ବାସୀ—ଏଁ···ମୋ···ମୋ···ମୋ··· ଛେ · ଛେ···ଧ ·· ର··· ଧରନା····· । (ତଳେ ପେଟଜାକି ବସିପଡ଼ିବା ଓ ସିପାହୀମାନେ ଉଠି ଦେଖିବା)

୨ୟ ଗ୍ରା:ବାସୀ—ହଜୁର ! ମୁଁ ନିର୍ଦ୍ଦୋଷୀ, ମୋତେ ରକ୍ଷାକର ?

୧ମ ସିପାହୀ—କହୋ ତମେ ସେଇ ଦୁଇଜଣ ତ ?

୧ମ ଗ୍ରା:ବାସୀ—ନା ହଜୁର୍ ମୋ' ନାଁ ହରୁ ଛୁ ଦାସ୍ ।

୨ୟ ଗ୍ରା:ବାସୀ –ମୋ ନାଁ ଘଗୁ ଛୁ ସାହୁ ··ମୋର ଗୋଟିଏ ପୁଅ··· ପାଞ୍ଚଟି ଝିଅ···ତିନିଟି ସ୍ତ୍ରୀ ··

୧ମ ସିପାହୀ—ଏତେ କଥାରୁ କ'ଣ ମିଳିବ ? ତୁମେ ଖାଇ ଖାଇ ମେଜୁଆ ହୋଇ ଯାଇଛ—ଚାଲ···

୧ମ ଗ୍ରା:ବାସୀ–କୁଆଡ଼େ ଆଜ୍ଞା ! (ହାତଯୋଡ଼ି)

୨ୟ ସିପାହୀ—ଯୁଦ୍ଧକୁ—

୨ୟ ଗ୍ରା:ବାସୀ—ମୁଁ ଘରେ ବୁଝିଆସେ—କହିବ ଆସିବ, କାଠ ଦ'ମୁଠା ଗୁଣମଣ୍ଡ ମୋର ବାହାର କରି ବସିଥିବ—

୧ମ ଗ୍ରା:ବାସୀ—ଆଉ ମୁଁ ବି କହିବ—

୧ମ ସିପାହୀ—କ'ଣ ?

୧ମ ଗ୍ରା:ବାସୀ—ତମ ଇସ୍ତ୍ରୀ କାଠ କାଢ଼ିବ ?

୧ମ ସିପାହୀ—କ'ଣ (ରାଗି)

୧ମ ଗ୍ରା:ବାସୀ—କାଠ··· କାଠ··· କାଠ କାଢ଼ିବ—

୧ମ ସିପାହୀ—କିଏ ?

୧ମ ଗ୍ରା:ବାସୀ—ଏଇ ବାବୁଙ୍କର ଇସ୍ତିରୀ (୨ୟ ସିପାହୀକୁ ଦେଖାଇବା )

୨ୟ ସିପାହୀ—ତୁମମାନଙ୍କର ଏତେ ଫୁଟାଣି ?

୨ୟ ଗ୍ରା:ବାସୀ—ଆଜ୍ଞା, ଆମ ବାଡ଼ିରେ ଫୁଟେଣଗଛ ଅଛି, ଆପଣ ନେବେ ? (ଖୋସାମତକରି)

୧ମ ସିପାହୀ—ଯୁଦ୍ଧରେ ଏଇ ଦୁଇଟାକୁ ପ୍ରଥମେ—

୧ମ ଗ୍ରା:ବାସୀ—ଆଜ୍ଞା···ତୁମେ···ଆପଣ·· ହଜୁର···ତୁ·· ତୁ··· ଆଜ୍ଞା···ଗୋଡ଼ ଧରୁଛି···(କହି ଗୋଡ଼ ତଳେ ପଡ଼ିଯିବା)

୨ୟ ଗ୍ରା:ବାସୀ—ଆଜ୍ଞା, ମୁଁ ବି ଆପଣଙ୍କର ଗୋଡ଼ ଧରୁଛି ··· ଆଜ୍ଞା ··· ହଜୁର ଆଜ୍ଞା ! !

( କହି ୧ମ ଗ୍ରାମବାସୀ ଉପରେ ପଡ଼ିଯିବା )

୨ୟ ସିପାହୀ—ଆରେ···ଉଠ··· ଉଠ··· ଉଠ··· (ଦୂରରୁ ଶିଙ୍ଗା-ବାଜିବା - ସିପାହୀ ଦୁଇଜଣ ଭୟରେ ପଳାଇଯିବା)

୨ୟ ଗ୍ରା:ବାସୀ—(ଉଠି ଗୃହ ବଗକୁ ଗୃହିଁ) ମୋ' ମା' ଗୋ' ଏଇ ସିପେହ୍ମା ଦ୍'ଜଣଙ୍କ ମୁଣ୍ଡରେ ଗଧାଚଢ଼କ ମାଡ଼ିବସୁ

(ଜନ୍ତ୍ର ପଳାୟନ)

୧ମ ଗ୍ରା:ବାସୀ—ଆହେ···ରହ···ରହ···ଭଣ···ଭଣ··· ରହ··· ରହ··· (ପଳାୟନ)

- ପରଦା -

—❋—

## ଦ୍ୱିତୀୟ ଅଙ୍କ—ଅଷ୍ଟମ ଦୃଶ୍ୟ

[ ଦିଲ୍ଲୀ ସିଂହାସନ ଉପରେ ରାଜା ଜୟଚନ୍ଦ୍ର — ତାଙ୍କ ଡାହାଣ ପାର୍ଶ୍ୱରେ ସେନାପତି—ବାମ ପାର୍ଶ୍ୱରେ ପ୍ରଥମ ଓ ଦ୍ୱିତୀୟ ରାଜପୁତ—ସମସ୍ତେ ବିଜୟ ଉଲ୍ଲାସରେ ଉଲ୍ଲସିତ—ଗୀତବାଦ୍ୟ ସଂଗୀତରେ ଓ ନର୍ତ୍ତକୀଙ୍କର ନୃତ୍ୟରେ ଦରବାର ଉଚ୍ଛୁଳିଉଠୁଛି—ରାଜାଙ୍କ ଆଗରେ ନର୍ତ୍ତକୀମାନେ ]

(ନୃତ୍ୟକରି ସାରିବା ପରେ ଫେରିଗଲେ)—

ଜୟଚନ୍ଦ୍ର—ଆଃ ! (ଆନନ୍ଦରେ) କି ସୁଖର ଦିନ ! ସମସ୍ତେ ଆନନ୍ଦ କର ! ··· ସମସ୍ତେ ସୁରାପାନ କର — ପୃଥ୍ୱୀରାଜର ଉନ୍ନତ ଗର୍ବିତ ମସ୍ତକ ଆଜ ପଦାନତ— ହାଃ··· ହାଃ··· ହାଃ··· ହାଃ··· ପୃଥ୍ୱୀରାଜ ! ପୃଥ୍ୱୀରାଜ ! କୁକ୍କୁରପରି ଆଶା, ଭଣ, ଦମ୍ଭ, ଆଜ କେଉଁଠି ? କିଏ ଦିଲ୍ଲୀ ସିଂହାସନ ପରେ ? କହ···କହ···? ତୁ··· କି ମୁଁ ? ନକ୍ଷତ୍ର ଗଗନରେ ଥାଇ ଶୁଣି ପାରୁଥିବୁ—ତୋର ତୃଷ୍ଣା ଯେ ମେଣ୍ଟି ନ ଥିଲା ? ଏତେ

ଶୀଘ୍ର ଗ୍ଭଲିଗଲୁ ? ହାଃ···ହାଃ··· ହାଃ ଦେଖ୍···ଦେଖ୍··· ଚକ୍ଷୁଟୋର ବିସ୍ତାରିତକରି ଦେଖ—ଯବନର କି କୌଶଳ ! ବାସ୍ତବିକ୍ ମହମ୍ମଦ ଘୋରୀ କୌଶଳୀ ନୁହେଁ, ସେନାପତି ? ତୁମେମାନେ ମୋତେ ସମସ୍ତେ ବାରଣ କରୁଥିଲ ଯବନ ବୀରଙ୍କୁ ଡକାଇବା ପାଇଁ—କିନ୍ତୁ ଦେଖ, ଯବନ ପାଇଁ ଦିଲ୍ଲୀ ସିଂହାସନ ଜୟଚନ୍ଦ୍ରର ହୋଇପାରିଛି··· ତା' ନ ହୋଇ ଥିଲେ ପୃଥ୍ୱୀରାଜକୁ ଯୁଦ୍ଧରେ ପରାସ୍ତ କରିବା କଷ୍ଟକର ହୋଇ ପଡ଼ିଥାନ୍ତା—

ସେନାପତି—ମହାରାଜ ! ଜାନୁଭଙ୍ଗି ପୃଥ୍ୱୀରାଜ ଯୁଦ୍ଧ କ୍ଷେତ୍ରରେ ପ୍ରାଣ ହରାଇଲା—

ଜୟଚନ୍ଦ୍ର—(ବ୍ୟଙ୍ଗ) ପ୍ରାଣ ହରାଇଲା ? ଠିକ୍, ଜାନୁ ତାର ଭଗ୍ନ ହେଲା ? ଅନ୍ତବୁଜୁଲି ବାହାରିନା ତ ? ଚକ୍ଷପରି ଭୟଙ୍କର ଆଖିଦି'ଟା କପାଳ ଭିତରେ ପଶିଯାଇ ନ ତ ? ଯୁବରାଜ, ବର୍ତ୍ତମାନ ବେଳ ଆସିଛି ··· ତୁମେ ହସ—ଖୁବ୍ ଜୋରରେ ହସ···ପାହାଡ଼···ପର୍ବତ···ନଈ···ନାଳ···ରାଜପଥ···ଆଉ ଏ ଦରବାରର କକ୍ଷ ଭିତରେ ଥାଇ ହସ—

ପ୍ରଥମ ରାଜପୁତ—ମହାରାଜ ! ପୃଥ୍ୱୀରାଜଙ୍କ ବକ୍ଷରେ ଖୁବ୍ ଆଘାତ ଲାଗିଥିଲା···ନଚେତ୍ ଆମେ ସମସ୍ତେ ପରାସ୍ତ ହୋଇଥାନ୍ତୁ ।

ଦ୍ୱିତୀୟ ରାଜପୁତ—ହଁ···ହଁ ମହାରାଜ ! ମୁସଲମାନ ବୀର ମହମ୍ମଦ ଘୋରୀ ବି ନିଜକୁ ଖୁବ୍ ସାବଧାନରେ ବଞ୍ଚାଇଛନ୍ତି । ଚୌହାନ ବୀରଙ୍କ କବଳରେ ଆଉ ପୃଥ୍ୱୀରାଜଙ୍କ ସମ୍ମୁଖରେ ସେ ପଡ଼ି କିଂକର୍ତ୍ତବ୍ୟବିମୂଢ଼ ହୋଇ ପଡ଼ିଥିଲେ । କିନ୍ତୁ ଭାଗ୍ୟ ଖୁବ୍ ଭଲ । ସେ ନିଜର ପ୍ରାଣଦେଇ ଅଶ୍ୱପୃଷ୍ଠରେ ପଳାୟନ କଲେ ।

ଚୌହାନବୀରମାନେ ତାଙ୍କୁ ଅନୁସରଣ ନ କରି ଆମ୍ଭମାନଙ୍କ ଉପରେ ଚଢ଼ାଉକଲେ । ଆମ୍ଭେ ମଧ୍ୟ ସେମାନଙ୍କର ଏଇ ଆକସ୍ମିକ ଆକ୍ରମଣରେ ବିଚଳିତ ହୋଇ ପଡ଼ିଥିଲୁ । କିନ୍ତୁ ମହମ୍ମଦ ଘୋରୀଙ୍କ କୂଟନୀତିଦ୍ୱାରା ଚୌହାନ ବୀରମାନେ ମେଷ ଛାଗଳ ହାଣ ଖାଇଲାଭଳି ହାଣ ଖାଇଲେ । ପୃଥ୍ୱୀରାଜଙ୍କ ଛାତିରେ ବାଜିଲା ଏକ ତୀର—ଆଉ ଜାନୁରେ ବାଜିଲା ଏକ ବିରାଟ ବର୍ଚ୍ଛାର ଆଘାତ ସେଇଥିରେ ସେ । ରଣଭୂଇଁ ଉପରେ ଚିର ନିଦ୍ରା ନେଲେ ।

ଜୟଚନ୍ଦ୍ର—ଚିରନିଦ୍ରା ? ସେଇ ଚିରନିଦ୍ରା ସମୟରେ ସେ ନିଶ୍ଚୟ ନିଜର ଅହମିକା ପାଇଁ ଅନୁଶୋଚନା କରିଥିବ, ନୁହେଁ ଯୁବରାଜ ?

୧ମ ରାଜପୁତ—ଆମ୍ଭେମାନେ କିଂନ୍ତୁ ମହମ୍ମଦ ଘୋରୀଙ୍କ କୌଶଳ ଓ କୂଟନୀତି ବଳରେ ବିଜୟୀ ହେଲୁ ।

ଜୟଚନ୍ଦ୍ର—ବାସ୍ତବିକ୍ ବନ୍ଧୁ ମହମ୍ମଦ ଘୋରୀଙ୍କ ପାଖରେ ମୁଁ ଚିର ଋଣୀ—ତାଙ୍କ ମୋର ରାଜକୋଷ ମୁକ୍ତ କରିଦେବି—ସେ ମନଇଚ୍ଛା, ହୀରା, ନୀଳା, ମୋତି, ମାଣିକ୍ୟ, ସୁନା, ରୁପା ଯାହାକିଛି ଅଭିଳାଷ କରିବେ, ମୁଁ ମୁକ୍ତ ହସ୍ତରେ ଅର୍ପଣ କରିବି—

ସେନାପତି—ମହମ୍ମଦ ଘୋରୀଙ୍କୁ ମୁଁ ସନ୍ଦେହ କରେ ମହାରାଜ !

ଜୟଚନ୍ଦ୍ର—କାହିଁକି ?

ସେନାପତି—ଯେ ହେତୁ ସେମାନଙ୍କର ଧନ ଓ ରାଜ୍ୟ ଲିପ୍ସା ଅଧିକ ଥାଏ—

ଜୟଚନ୍ଦ୍ର—ବଂଶୁ, ଆମ୍ଭଠାରେ ନୁହେଁ ବୋଲି ମୁଁ ବିଶ୍ୱାସ କରୁଛି—

ସେନାପତି—ଆପଣ ବିଶ୍ୱାସ କରନ୍ତୁ ନାହିଁ ପ୍ରଭୁ ! ବିଶ୍ୱାସ କରନ୍ତୁ ନାହିଁ । ତାର ଏଇ ସାହାଯ୍ୟ ପଛରେ ଯେ ଦିଲ୍ଲୀର ସମ୍ରାଟ ହେବାର କଳ୍ପନା ନାହିଁ, ସେ କଥା ମୁଁ ନିଶ୍ଚୟ କରି କହିପାରୁ ନାହିଁ । ତଥାପି ଭାବୁଛି, ମୁସଲମାନ ବର୍ତ୍ତମାନ କ'ଣ କରିବ ?

ଜୟଚନ୍ଦ୍ର—ସ୍ୱଦେଶକୁ ବନ୍ଧୁଠାରୁ ଦାନର ପ୍ରତିଦାନ ପାଇ ଫେରିଯିବ—ବଂଧୁଗଣ ! ଏଣିକି ଶାନ୍ତି··· ! ! ମହାଶାନ୍ତି ! ! ଏଇ ଦିଲ୍ଲୀ ସିଂହାସନ ଥିଲା ମୋର ହୃଦୟର ଆଶା—ସେଇ ଆଶା ଫଳ ଧାରଣ କରିଛି—ଆଶାର ପିରାମିଡ୍ ନିର୍ମାଣ ହୋଇଯାଇଛି—ଏଣିକି ତୁମ୍ଭେମାନେ ଦିଲ୍ଲୀ ସମ୍ରାଟଙ୍କ ବଂଧୁ ! ଦିଲ୍ଲୀର ରାଜପଥରେ ସମସ୍ତେ ନିଦ୍ରାଯାଅ— ସମୟଗୁଡ଼ାକ କେବଳ ସୁରା ଓ ନୃତ୍ୟରେ ବିତାଇଦିଅ··· ।

୧ମ ରାଜପୁତ—ଯୁଦ୍ଧ ଅନ୍ତେ ଏଇଥି ଆମ୍ଭେ ରହିଁଥିଲୁ—

ଜୟଚନ୍ଦ୍ର—ସେତିକି ନୁହେଁ ଯୁବରାଜ ! ସେତିକି ନୁହେଁ···ରାଜକୋଷ ଆଜି ତୁମପାଇଁ ମୁକ୍ତ !

୨ୟ ରାଜପୁତ—ଧନ୍ୟ ମହାରାଜ, ଧନ୍ୟ !

ଜୟଚନ୍ଦ୍ର—ମୁଁ ଧନ୍ୟ ନୁହେଁ ଯୁବରାଜ ! ସେଇ ଧନ୍ୟବାଦ ମୁଁ ଆଜି ତୁମମାନଙ୍କୁ ଦେଉଛି—ତୁମର ବଳରେ ଯେ ମୁଁ ବିଜୟୀ ଏ କ'ଥା କ'ଣ ଭୁଲି ଯାଉଛ ?

ସେନାପତି—ଯେତେହେଲେ ଆମ୍ଭେମାନେ ପ୍ରଭୁଙ୍କର ଭୃତ୍ୟ

ଜୟଚନ୍ଦ୍ର—ଏ ଦୁର୍ଦ୍ଦିନ ଦିନରେ କେହି ଭୃତ୍ୟ ନୁହନ୍ତି, ସେନାପତି !
କେହି ଭୃତ୍ୟ ନୁହନ୍ତି । ସର୍ବେ ବନ୍ଧୁ ! ବନ୍ଧୁ !

( ରକ୍ଷୀର ପ୍ରବେଶ )

ରକ୍ଷୀ—ମହାରାଜ !

ଜୟଚନ୍ଦ୍ର—ଯାଅ ରକ୍ଷୀ, ସମଗ୍ର ରାଜ୍ୟରେ ଘୋଷଣା କର ନିଜେ ଆନନ୍ଦକର । ତୁମର ପାଇଁ ଆଜ ମୁଁ ଦିଲ୍ଲୀ ସିଂହାସନରେ ବସିପାରିଛି—ମୁସଲମାନ ଘୋର ଠିକ୍ ସମୟରେ ଆକ୍ରମଣ କରିଥିଲ— ଯୁଦ୍ଧର ତୂରୀ, ଘୋରକାହାଳୀ, ସବୁ ଏଣିକି ଫିଙ୍ଗିଦିଅ—ଖଣ୍ଡା, ତରବାରି, ବର୍ଚ୍ଛା, ଢାଲ—ଏଣିକି କେବଳ ସୌଖୀନ୍‌ର ଖେଳ—ପିଲାଙ୍କ ଖେଳପରି ।

ରକ୍ଷୀ—ମହାରାଜ !

ଜୟଚନ୍ଦ୍ର—କୁହ, କି ସଂବାଦ ?

ରକ୍ଷୀ—ବିଚିତ୍ର ସଂବାଦ ପ୍ରଭୋ ! ଉଚ୍ଚାରିବା ମଣୁଅଛି କଷ୍ଟ !

ଜୟଚନ୍ଦ୍ର—କୁହ ରକ୍ଷୀ, ଶଙ୍କା କିବା ତହିଁ ? ଆଜିର ଏ ବିଜୟର ଦିନେ ତୁମେ ଶଙ୍କା ଆଣ କିଂପା ?

ରକ୍ଷୀ—ମହାରାଜ !···ସଂ · ଯୁ···କ୍ତା··· (ଅସ୍ପଷ୍ଟ)

ଜୟଚନ୍ଦ୍ର—ସଂଯୁକ୍ତା—କ'ଣ ଆସିଛି ସଂଯୁକ୍ତା ମୋର ? ତା'ର କଥା ଭୁଲି ଯାଇଥିଲି—ଅଭିମାନିନୀ ସେ କନ୍ୟା ମୋର—ନେଇ ଆସ—ନେଇ ଆସ ଦୂତ ! ନା···ନା ତୁମେ ନୁହ—ମୁଁ ଯିବି—ମୁଁ ଯିବି ନିଜେ—କ୍ଷମା ମାଗିନେବି ସେଇ ଅବୋଧ ସନ୍ତାନେ—କହିବି ଜନନୀ ଗୋ, କ୍ଷମାକର ଏ ପୁତ୍ରକୁ ତୋର !

(ଅର୍ଦ୍ଧ ପାଗଳପରି ଦଣ୍ଡାୟମାନ ହେଲେ)

ରକ୍ଷୀ—(ବାଷ୍ପପୂର୍ଣ୍ଣ କଣ୍ଠରେ) ନାହାନ୍ତି ସଂଯୁକ୍ତା ଜେମା, ଏ ମର
ମଣ୍ଡଳେ—ଯୋଦ୍ଧୃ ବେଶେ ରଣ ଚଣ୍ଡୀ ସମ ରଣ ଭୂମେ
କରବାଳ ହସ୍ତେ ଭ୍ରମୁଥିଲେ ଯେତେବେଳେ ଦେବ,
ମନେ ହେଲା—ମନେ ହେଲା ସ୍ୱୟଂ କିବା ଦୁର୍ଗତିନାଶିନୀ
ଦୁର୍ଗା ଅବତୀର୍ଣ୍ଣ ହେଲେ ମର୍ତ୍ତ୍ୟଭୂମେ ଦୁଷ୍ଟର ଦଳନ ପାଇଁ ?

ଜୟ—(ମୂକପରି ଜିଜ୍ଞାସୁ ଚକ୍ଷୁରେ ଗୃହିଁ—) ତା'ପରେ···ତା'ପରେ
ରକ୍ଷୀ······

ରକ୍ଷୀ—ଶହ ଶହ ଯବନ ହନ୍ତାନେ ରମ୍ଭାତରୁ ସମ,ତୀକ୍ଷ୍ଣ କରବାଳେ
ପେଷି ଯମର ଆଳୟେ ଚଣ୍ଡୀ ରୂପୀ ସେ ଶତ୍ରୁ ମର୍ଦ୍ଦିନୀ !
ଲେଉଟି ଶିବିରେ ପ୍ରଭୁ, ଜାଳିଲେ ଜହର—ଲହ ଲହ ଜିଭ
ଟେକି ଉଠିଲା ଅନଳ—
ରକ୍ତସ୍ନାନ କରି ଦେବୀ, ପୃଥ୍ୱୀରାଜେ ସ୍ମରି—
ଅଶ୍ରୁଳ ନୟନେ ଲମ୍ଫ ଦେଲେ ଅନଳକୁ—
ଜଳିଗଲା—ଜଳିଗଲା—ସଂଯୁକ୍ତାର ଶିରୀଷ କୋମଳ ତନୁ—
ମେଦ, ମାଂସ—ଅସ୍ଥି ସବୁ ଜଳିଗଲା—
ହୋଇଗଲା ଦୁଇମୁଠା ଭସ୍ମ !!

( ରକ୍ଷୀ ଅଶ୍ରୁଜଳ ନୟନରେ ପ୍ରସ୍ଥାନ )

ଜୟ—ହାୟ ! ହାୟ ! ମାଆ !
ଦୁଃଖିନୀ ଜନନୀ !
ଏଜନମେ ନ ହେଲା ଗୋ ଦେଖା—
ପିତା ମୁହଁ—ନିଜ ହାତେ, ତୋ ମଥା ସିନ୍ଦୁର
ସ୍ୱୁର ମୁଁ ଦେଇଛି ପୋଛି—

ତୋ ମୃତ୍ୟୁର କାରଣ ମୁଁ—
ହତଭାଗ୍ୟ ପିତା ! (ଅଶ୍ରୁ ବିସର୍ଜନ—ସମସ୍ତଙ୍କ ଚକ୍ଷୁରେବି ଅଶ୍ରୁ)
ରାଜଅନ୍ତଃପୁରରୁ କ୍ରନ୍ଦନ ଶୁଭିବା—

ରକ୍ଷୀ—(ପୁନଃ ପ୍ରବେଶ) ଯବନ ବୀର କୁତବ୍ ଉଦ୍ଦିନ୍ !

ଜୟଚନ୍ଦ୍ର—( ନିଜକୁ ସଂଯତ କରି) ଯାଅ, ନେଇ ଆସ…

ରକ୍ଷୀ—ହଜୁର !

ସେନାପତି—କି ଉଦ୍ଦେଶ୍ୟ ଘେନି ଆସେ ଏ ଯବନ ପୁଣି !

୧ମ ରାଜପୁତ—ଆସୁ ସେ ଯବନ ବୀର, ତା'ଉପରେ…(ବାଧା ଦେଇ ଯିବା ଓ ରକ୍ଷୀ କୁତବ୍ ଉଦ୍ଦିନଙ୍କୁ ନେଇ ପ୍ରବେଶ)

ଜୟଚନ୍ଦ୍ର—ଆସ ଆସ ବୀର ! କି ସମ୍ବାଦ ?

କୁତବ୍—ଘୋରିବଂଶୀ ଜାହାଁପନା ବୀରଶ୍ରେଷ୍ଠ ଭାରତ ବିଜୟୀ ମହମ୍ମଦ ଘୋରୀଙ୍କ ଆଦେଶ, ଆପଣ ଦିଲ୍ଲୀ ସିଂହାସନ ତ୍ୟାଗ କରନ୍ତୁ …

ଜୟଚନ୍ଦ୍ର—(ଆଶ୍ଚର୍ଯ୍ୟ) ଏ କି କଥା ?

୧ମ ରାଜପୁତ—ଏଇ ଅଭିସନ୍ଧି ନେଇ ଆସିଥିଲ ତୁମେ ?

କୁତବ୍—କାହିଁ, ଅଭିସନ୍ଧି ନାହିଁ ତ ଏଥିରେ ?

ସେନାପତି—ବୁଝି ତ ପାରୁଛ ତୁମେ, ଏହା ଦିଲ୍ଲୀ ଦରବାର !!

କୁତବ୍—ହଁ, ଦିଲ୍ଲୀ ଦରବାର ପାଇଁ ମହମ୍ମଦ ଘୋରୀଙ୍କ ଆଦେଶ—

୨ୟ ରାଜପୁତ—ଅସମ୍ଭବ… !

୧ମ ରାଜପୁତ—ଭାରତର ବୀର ରାଜପୁତଙ୍କ ସମ୍ମୁଖରେ ତୁମେ କହୁଛ ବୋଲି ଜାଣିପାରୁଛ ତ ?

କୁତବ୍—ହଁ ୧୧୯୧ ଓ ୧୧୯୨ ଠାରୁ ଚହ୍ଲି ଚହ୍ଲି ଆସିଛୁ···ଓ ଆସୁଥିବୁ···ଏପରି କେତେଦିନ, କେତେବର୍ଷ, କେତେ-ସାଲ୍···

ଜୟଚନ୍ଦ୍ର—(ରାଗରେ କଂପମାନ ହୋଇ) କୁତବ୍, ଘୋର ବଂଶୀ ଖାର ଆଜ କୃତଘ୍ନ କାହିଁକି ?

କୁତବ୍—ମହାରାଜ, ଆସିନାହିଁ ଶୁଣିବାକୁ ତବ ବାକ୍ୟାଳାପ···

୧ମ ରାଜ—(ରାଗରେ କଂପି) ତାହାହେଲେ ଫେରି ଯାଅ ଗୋରକୁ ସୁମରି—

କୁତବ୍—ଦିଲ୍ଲୀ ସିଂହାସନ ଛାଡ଼ି ଯିବ ନାହିଁ ତୁମେ ?

ଜୟଚନ୍ଦ୍ର—ନା— ଆସୁ ସେହି ମିତ୍ରଦ୍ରୋହୀ, କୃତଘ୍ନ ଘାତକ ! ଏତେ କି ଦୁର୍ବଳ ବୋଲି କରିଛୁ କଳ୍ପନା—ଆମ୍ଭେ ରାଜପୁତ —ଆମ୍ଭେ ହିନ୍ଦୁ – ଆମ୍ଭେ କ୍ଷତ୍ରିୟ— ଏଇ ତରବାରି (କମରରୁ ତରବାରି ବାହାରକରି) ଦିଏ ଠିକ୍ ଜବାବ୍ ।

ସେନାପତି—(ଉଦ୍ଦୀପ୍ତ ନେତ୍ରେ ) ମୁଁ କ'ଣ କହୁଥିଲି ମହାରାଜ ? ମିତ୍ରଦ୍ରୋହୀ ହେବା ଏଇ ପଠାଣ ଗୁଡ଼ାକର ଜନ୍ମଗତ, ରଶିଗତ ଓ ନକ୍ଷତ୍ରଗତ ଗୁଣ ! ନୁହେଁ କୁତବ୍ ? ମାତ୍ର ମନେ ରଖିଥାଅ କୁତବ, ମିତ୍ରଦ୍ରୋହୀ କୁମ୍ଭୀପାକ ଭିତରେ ଦଗ୍ଧୀଭୂତ ହୁଏ—

କୁତବ୍—ତୁମେ ଧର୍ମଧ୍ୱଜୀ ହିନ୍ଦୁ ଗୁଡ଼ାକ, ଏ ସବୁ ଛଳନା କରି ଶିଖିଛ । ମାତ୍ର ଆମେ ଗୃହୁଁ ରକ୍ତ, ରକ୍ତର ପ୍ରତିଦାନ···

ସେନାପତି—ନମକ୍ ହାରାମ୍

କୁତବ୍—ଜଳେ ଗୃହକରି ତୁମେ ସ୍ୱପ୍ନ ଦେଖ କାଲବନ୍ଧ ପାଇଁ ?

ଜୟଚନ୍ଦ୍ର—(ଘୃଣା ଓ ରାଗରେ ପ୍ରଜ୍ୱଳିତ ହୋଇ), ଯାଅ ଏଇ ଭିକ ଭିକ୍ଷା—

(ତରବାରି ଉତ୍ତୋଳନ କରି )

କୁତବ୍—ଶୁଣି ଥାଅ ମହାରାଜ ;
ଶୁଣିଥାଅ ସର୍ବେ...
ଦିଲ୍ଲୀଦରବାର ନୁହେଁ ଏ ପୀଠ ପୁଅର—
ଯବନ ହୋଇବ ରାଜା—
ଯୁଗ ଯୁଗ ପାଇଁ—
ରହିଁଥିବ ଜଳକା ସମାନ ତୁମେ ସବୁ ରାଜପୁତ ବୀର !
ଏଇ ସିଂହାସନ ଆଜ ହସେ, ମଣି, ମାଣିକ୍ୟରେ...
ସେ ହସେ, ହସେ ଯବନ କଣ୍ଠ ଫିଟା ହସ—
ହିନ୍ଦୁ ତୁମେ ଯିବ ଅପସରି—
କୁଝ୍‌ଝଟିକା ଅଙ୍ଗେ ଅବା ଯିବ ରେ ମିଳାଇ...
ଶେଷେ...ହେବ ସର୍ବେ ଆମର ଗୋଲାମ...(ପ୍ରସ୍ଥାନ)

ଜୟଚନ୍ଦ୍ର—ଏତେ ଆସ୍ପର୍ଦ୍ଧା ! ଏତେ ଗର୍ବ !

ସେନାପତି—କି ମାରାତ୍ମକ ! କି ଜଘନ୍ୟ !

୨ୟ ରାଜପୁତ—ଜଘନ୍ୟ ହୁଅନ୍ତୁ ଅବା କୃତଘ୍ନ ହୁଅନ୍ତୁ, ଆମକୁ ବର୍ତ୍ତମାନ ଯୁଦ୍ଧପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ...

୧ମ ରାଜପୁତ—ଏକର ସଂହାର ବେଳେ ଦ୍ୱିତୀୟ ପ୍ରହାର—ଚାଲ, ଚାଲ ତଡ଼ିତ୍ ବେଗରେ ଏଇ ଶତ୍ରୁମାନଙ୍କୁ ପ୍ରତିରୋଧ କରିବା—

ଜୟଚନ୍ଦ୍ର—ଯାଅ ସେନାପତି
ଜଣାଅ ଏ ବାର୍ତ୍ତା—

ଚୌହାନ ଅବା ସିଶୋଦୀୟ ଆରେ--
ଆସିବେ କି ଭାରତର ଶତ୍ରୁ ସଂହାରଣେ—

ସେନାପତି—କପରି ଜାଣିବା ତୁମ୍ଭୁ ?

ଜୟଚନ୍ଦ୍ର—ନା···ନା · ନା···
କାହାର ସାହାଯ୍ୟ ମୁହିଁ କରେ ନାହିଁ ଭିକ୍ଷା-
କେବଳ—
ଏଇ ମୋର ରାଠୋରଜ ଆରେ—
ଦେବେ ମୋତେ ଦୀକ୍ଷା—
ସେହିଆର—
ସେହି ରାଠୋରଜ ଆରେ !
ହୀରକ ମୁକୁଟ ଏଇ ଦିଲ୍ଲୀ ଦରବାରେ ।

୨ୟ ରାଜପୁତ— ମହାରାଜ !
ସୃଷ୍ଟିର ଅନ୍ତିମ କାଳୁ—
ଲଭି ଜନ୍ମ ଯେଉଁ କ୍ଷତ୍ରିୟ ସନ୍ତାନ—
ନ୍ୟାୟ ଦଣ୍ଡ କରତଳେ ତୋଳି
ପାପ ପୁଣ୍ୟ ବିଚାରର ଦେଇଅଛୁ ରାୟ—
ସେଇ ବୀର୍ଯ୍ୟଶାଳୀ—ସେଇ ଧର୍ମରକ୍ଷୀ—
କ୍ଷତ୍ରିୟକ ଆମେ--
ରାଠୋର ବଂଶଜ ବୋଲି—
ପଛେ ସଦା ଦୂର ।
ଦୁର୍ବଳ ନୁହନ୍ତି କେବେ, ମାତୃ ପୂଜାପାଇଁ—
ଶତ ଶତ ଶିର ଯଦି ଗୁଡ଼େଁ ରଣଚଣ୍ଡୀ—
ତଥାପି ଏ ରାଠୋରଜ ଆରେ—

ପାଣ୍ଡି ଦେବେ ମଥା—
ଗାବନ କଳକା ଡାଙ୍କ ପଡ଼ିଲେ ବ ଝର ।

୧ମ ରାଜପୁତ—ଯଦ ଅସ୍ତାଚକ୍ରୁ ଉଠିଆସେ ରବ—
ଯଦବା ପ୍ରଣ୍ଡଚୀଖାଲେ ଉଇଁ ଆସେ ରବ —
ତଥାପି ସେ ଶ୍ୱାନ ଶିଶୁ, ଯବନର ଶିଶୁ—
ରଣ ପ୍ରାଙ୍ଗଣରେ କେବେ ନ ହେବ ବଜୟୀ !
ଅମେଧ ଭକ୍ଷଣକାରୀ—
ଯବନ ସକଳ —
ଭକ୍ଷିବାକୁ ଆସିଛନ୍ତି ଘୃତାନ୍ନ ଭୋଜନ—
ପ୍ରୟାସିଛୁ ପୁଣି ସେହୁ ସିଂହ ପାଦ ଧାରେ—
ଅସମ୍ଭବ ···
ଅସମ୍ଭବ ···
ଆର୍ଯ୍ୟପୁତ୍ର ବୀର କେବେ, ହୋଇନ ଦୁର୍ବଳ—
ସମ୍ପିବାକୁ ତାର କରେ ଦିଲ୍ଲୀ ସିଂହାସନ ।
କୁତବ—
କୁତବ —
ମହମ୍ମଦ···
କ'ଣ କରୁଛ ମହମ୍ମଦ, ନଜ ମିହଠାରେ ?
ଯୁଦ୍ଧ ··· !!
ଯୁଦ୍ଧ !!!
ହାଃ···ହାଃ···ହାଃ···ଯୁଦ୍ଧଲୋଡ଼ୁ ତୁମ୍ଭ··· ।
ଦୁଗ୍ଧପୋଷ୍ୟ ଶିଶୁ—
ଲୌହର ମୁଷଳ ଧାରେ ଯିବୁ ରେ ମିଳାଇ— ।

( ସେତିକିବେଳେ ଶିଙ୍ଗା ବାଜିଉଠିବା — ସମସ୍ତେ ଅଥୟ ବୋଧ କରିବା )

ଜୟଚନ୍ଦ୍ର—ହେଇ, ଯବନର ଶିଙ୍ଗା ···

ସେନାପତି—ଚାଲ, ଚାଲ ବୀରବୃନ୍ଦ !
ଦିଲ୍ଲୀ ସିଂହାସନ ଆଜି ମହାରାଜ ଜୟଚନ୍ଦ୍ରଙ୍କର ନୁହେଁ—
ବା' ମହମ୍ମଦ ଘୋରିର ନୁହେଁ—
ତାହା ଆମର—
ଭାରତ ପୁଅର—
ଏ କ୍ଷତ୍ରିୟମାନଙ୍କର— ଏ ରାଠୋର ବୀରଙ୍କର —
( ଦୂରରୁ କୋଳାହଳ ଶୁଭିବା )

ଜୟଚନ୍ଦ୍ର—ଏ କି କୋଳାହଳ ?

ନଗରରକ୍ଷୀ—( ପ୍ରବେଶ କରି ) ମହାରାଜ, ଦିଲ୍ଲୀର ପୂର୍ବ ଓ ପଶ୍ଚିମପାଖ ନଗରୀ ଯବନର ଲୁଣ୍ଠନରେ ଚିତ୍କାର କରୁଛି—

ଜୟଚନ୍ଦ୍ର—( କମ୍ପି ) ଲୁଣ୍ଠନ ?

ରକ୍ଷୀ—ହଁ ମହାରାଜ, ଲୋକମାନେ ଜୀବନନେଇ ପଳାୟନ କରୁଚନ୍ତି—

ଜୟଚନ୍ଦ୍ର—ହେ ବୀରବୃନ୍ଦ !

୧ମ ରାଜପୁତ—ଆମେ ଯୁଦ୍ଧ କରିବୁ ?

୨ୟ ରାଜପୁତ—ଏ ପବିତ୍ର ଭୂମି—
ଭାରତର ସ୍ୱର୍ଣ୍ଣମୟୀ ବୁକୁ···
ଯବନେ ନ କରି ସ୍ପର୍ଶ···
ଧୂଆଁଯିବ ଶତାବ୍ଦୀର ତୃଷ୍ଣା—

ଉଦ୍ଧତ ରୁଧିର ଧାର—
କରାଇଣ ସ୍ରାବ—
ପଖାଳିବ ଜନନୀର କେଶ—

ସେନାପତି—ହଁ ବୀରଗଣ ! ଆସ—

( ପୁନଃ ଶିଙ୍ଗା ବାର ବାର ବାଜିଉଠିବା )

ଜୟଚନ୍ଦ୍ର—ଅମିଯାଉ···ଅମିଯାଉ···ଅମିଯାଉ···ତୋର ଶିଙ୍ଗା···
କୃତଘ୍ନ !
ମିତ୍ର ଦ୍ରୋହୀ !

( ପୁଣି ଶିଙ୍ଗା )

ଚାଲ··· ଚାଲ··· ( ପ୍ରସ୍ଥାନ ଓ ଅନ୍ୟମାନେ ରାଜାଙ୍କର ପଶ୍ଚାନୁସରଣ କରିବା )

—ପରଦା—

## ଦ୍ୱିତୀୟ ଅଙ୍କ—ନବମ ଦୃଶ୍ୟ

[ ମହମ୍ମଦ ଘୋରୀଙ୍କ ରଣଶିବିର—ନିଶାର୍ଦ୍ଧ-ସମସ୍ତେ ସୁପ୍ତ—ବିଚଳିତ ଭାବେ ମହମ୍ମଦ ଘୋରୀ ବୁଲୁଥିବା ]

ମହମ୍ମଦ ଘୋରୀ—ଦିଲ୍ଲୀ ! ଦିଲ୍ଲୀ ! ଦିଲ୍ଲୀ ସିଂହାସନ !
ହାଃ··· ହାଃ··· ହାଃ··· ହାଃ···
ଜୟଚନ୍ଦ୍ର !
ଜୟଚନ୍ଦ୍ର !!
ଏଣିକି ···
ତୁମେ ମମ ହସ୍ତେ ବନ୍ଦୀ—

କ୍ରୀଡ଼ାପୁତ୍ତଳିକା ସମ—
ନାଚିବ ହେ ଅଙ୍ଗୁଳି ନିର୍ଦ୍ଦେଶେ —
ଯଦି —
ଯଦି···ଅନ୍ୟଥା ଲୋଡ଼ିବ କାରେ—
ଭାଗ୍ୟଡୋରି ଯେବେ ଖୁଲିଯିବ ଅମଡ଼ା ପଥରେ
ଘୋର ଦେଶେ ଜନ୍ମ ମମ—
ଘୋର ବଂଶୀ ବୀର ମୁହିଁ —
ନିମନ୍ତ୍ରଣ କଲ ଯେଉଁଦିନୁ—
ସେହିଦିନୁ—
ହିନ୍ଦୁସ୍ଥାନ ପରେ—
ଉନ୍ନତ ଏ ମସ୍ତକ ଉପରେ—
ଘୂର୍ଣ୍ଣିଭୂତ ବାତ ସମ—
ଘୂରେ ମମ କାଳାନ୍ତକ ଚକ୍ଷୁ ।
ଶସ୍ୟ ଶ୍ୟାମଳିମା ଏହି ଦେଶ ବୁକୁପରେ—
ରଚିବ ମୋ' ନୀଡ଼—
ନୁହେଁ ଦଣ୍ଡ ମୁହୂର୍ତ୍ତକ ପାଇଁ
ଅଙ୍କୁରୋଦ୍‌ଗମ ଆରମ୍ଭିଲା ଆଜ
ଏହାପରେ—
ଏହାପରେ ବକ୍ଷେପିବ ଯବନର ବୀଜ ।
ଏ ପୀଠର ପୁଅ ଥିଲା ବୀର ପୃଥ୍ୱୀରାଜ !
ଯେଉଁଦିନୁ ସେ ଯାଇଛି ଚାଲି—
ବୀରଶୂନ୍ୟ ଭାରତ ଅଙ୍ଗନ —
ତୁମେ ସର୍ବେ ଯିବ ଅପସରି
ଜୟଚନ୍ଦ୍ର !

ଜୟଚନ୍ଦ୍ର !

ହାଃ··· ହାଃ··· ହାଃ··· ହାଃ···

ସମର·· ···

ସମର·· ···

ସମର·· ···

—ପରଦା—

—{୦}—

## ଦ୍ୱିତୀୟ ଅଙ୍କ—ଶେଷ ଦୃଶ୍ୟ

[ ଅନ୍ଧକାର — ସମର ପ୍ରାଙ୍ଗଣ ବକ୍ଷରେ ଏକାକୀ ବୃଦ୍ଧ ସେନାପତି ଅମର୍ଷି ପଦଚାରଣା କରୁଛନ୍ତି—ଯେଉଁଠି ପୃଥ୍ୱୀରାଜଙ୍କର ନଶ୍ୱର ଶରୀର ଝରିପଡ଼ିଥିଲା—ପ୍ରାଙ୍ଗଣର ଅନ୍ୟ ପାର୍ଶ୍ୱରେ ଶାଗୁଣା ବିଲୁଆଙ୍କ କାହାଧର — ହୁତୁ ହୁତୁ ଅଗ୍ନିର ଶିଖା ମଝିରେ ମଝିରେ ଦେଖା ଦେଉଛି—ବିଲୁଆ ଗୁଡ଼ାକ ଥରେ ଥରେ ଅତି ବୀଭତ୍ସ ଚିତ୍କାର କରିଉଠୁଛନ୍ତି— ]

ବୃଦ୍ଧ ସେନାପତି—ଏଇମାନି—

ଏଇ ପ୍ରାଙ୍ଗଣ ଉପରେ—

ଲୁଚିଗଲା—

ଝରିଗଲା—

ଏ ଜାତିର ଏକଇ ସନ୍ତାନ !

ହାୟ ! ହାୟ ! ହାୟ !

ହାୟରେ ଦଇବ !

ଏ କି ତୋର ପରିହାସ ?

ଏ କ ତୋର ଅଦ୍ଭୁତ ଇଙ୍ଗିତ —
ଛଡ଼ାଇ ନେଲୁ ରେ କେଣେ ଏ ମାଟିର ବୀର ସନ୍ତାନକୁ ?
ବତ୍ସ !
ବତ୍ସ ! ······
କେଣେ ଗଲ ଚୃଲି—
କାନ୍ଦେ ଆଜ ଦିଲ୍ଲୀ ଅଧୀଶ୍ୱରୀ···
କାନ୍ଦେ ପୁଣି ଭାରତର ବନ···ଗିରି···ପାହାଡ଼···ପ୍ରାନ୍ତର ·
କାନ୍ଦେ ଅହର୍ନିଶି ଝୁରଇ ଲୋତକ—
ଭାରତ ଜନନୀ !
ଭାରତର ରାଜଲକ୍ଷ୍ମୀ !
ଜ୍ୟଳିତା ସେ ବୁକୁପରେ ଦାବାଗ୍ନିର ଶିଖା—
ଦଗ୍‌ଧୀଭୂତ କରୁଅଛୁ—
ହୃଦକନ ପରେ—
ଆ··· ଆ··· ଆ··· ଆ···
ଫେରିଆ··· ଫେରିଆ··· ଫେରିଆ···
ଏ ପୀଠର ପୁଅ !
ଏ ଜାତିର କର୍ଣ୍ଣଧାର !
ଦିଲ୍ଲୀ ଅଧୀଶ୍ୱର ! (ଅନ୍ୟତ୍ର ପ୍ରସ୍ଥାନ)

ଦୂତ—( ଦୂରରୁ ପ୍ରବେଶ ହସ୍ତରେ ଏକ ବିରାଟ ବର୍ଚ୍ଛା— )
କାହିଁ ? ? ?
ଏତ ଏକ ନିର୍ଜନ···ନିଶୂନ ପ୍ରାଙ୍ଗଣ·····
ଏଠି କାହିଁ ?

କାହିଁ ସେ ଜନନାୟକ ଅମର୍ଷି ?
କୁଳବୃଦ୍ଧ ମହର୍ଷି !
କାହିଁ··· ? ? ?
ଘୁରିଲି ମରୁ ପ୍ରାନ୍ତର—
ନଦ ନଦୀ କେତେ—
ସର୍ବତ୍ର ଶୁଭଇ ସେଇ—
ଝିଂକାରର ଝିଂ···ଝିଂ···ଝିଂ···ରାବ—
ଝାଉଁବଣର ସୁ···ସୁ···ସୁ···ସୁ···
ସାଗରର ଘୁ···ଘୁ···ଘୁ···ଘୁ···
ଉତ୍ତାଳ ତରଙ୍ଗମାନ ଗ୍ରାସିଆସେ—
ବିସ୍ତାରନ୍ତ କରି ତାର ମୁଖ—
କାହିଁ ? କାହିଁ ସେହି ମହାବୀର ଭୀଷ୍ମ !
ସର୍ବଶେଷେ କାପୁରୁଷ ହୋଇ କି ବିମୁଖ ?
ନା···ନା···ନା···ନା ···
ଫେରିବି ନି ରାଜପ୍ରାସାଦକୁ—
ଫେରିବି ନି ଦିଲ୍ଲୀ ନଗରୀକୁ
ଯଦି ମୁଁ ନ ପାଏ ଭେଟ ଗୁରୁ ଦ୍ରୋଣାଚାର୍ଯ୍ୟେ—
ନିଶ୍ଚୟ ତେଜିବି ପ୍ରାଣ—
ଯମୁନାର ତଟେ—
(ବୃଦ୍ଧ ସେନାପତି ପ୍ରବେଶ କରି)

ବୃଦ୍ଧ ସେନାପତି—କିଏ ?

ଦୂତ—(ଆନନ୍ଦରେ ଅଶ୍ରୁ ବିସର୍ଜନ କରି)
ଗୁରୁଦେବ ! (ପ୍ରଣାମ କରନ୍ତି)

ବୃଦ୍ଧ ସେନାପତି—ଆଉ କି ସମ୍ବାଦ ?

ଦୂତ—ରାଜା ଜୟଚନ୍ଦ୍ରଙ୍କ ଅନ୍ତିମ ମିନତି—

ବୃଦ୍ଧ ସେନାପତି— ଜୟଚନ୍ଦ୍ର ! (ଘୃଣା)
ଜୟଚନ୍ଦ୍ର ! !
ଉଚ୍ଚାରନା···ଉଚ୍ଚାରନା···
ବାରମ୍ବାର ତାର ସେଇ କଳଙ୍କିତ ନାମ ।
ଯେଉଁ ଦିନୁ ସିଂହାସନ ଲୋଭେ—
ନିମନ୍ତ୍ରଣ କଲା ସେହୁ ବିଦେଶୀ ଯବନେ—
ସେହିଦିନୁ, ସେ' ଯାଇଛି ମରି—
ପ୍ରେତ ତାର ବସେ ଆଜି —
ଦିଲ୍ଲୀ ସିଂହାସନେ—
କହିଁ ସେଇ ପ୍ରେତ, କରେ —
ଅନ୍ତିମ ମିନତି ?
ପୁଣି କି ଗ୍ରାସିବ ସେହୁ ଅନ୍ୟ ବୀରଗଣେ !

ଦୂତ—ରାଜା ଜୟଚନ୍ଦ୍ର ଆଜି ବିପଦ ଆବର୍ତ୍ତେ

ବୃଦ୍ଧ ସେନାପତି—କାହିଁକି ? ······
ନିଷ୍କଣ୍ଟକ ସିଂହାସନେ —
କରିବ ରାଜୁତି —
ନାହିଁ ତାର ଶଙ୍କା···ନାହିଁ ତାର ଭୟ—
ବିଜୟ ଉଲ୍ଲାସେ ନଶ୍ଚେ—
ଉଠୁଥିବ ମାତି—

ଦୂତ—ରକ୍ତ ପାଉ ଗୃହେଁ ଆଜି ମହମ୍ମଦ ଘୋରୀ—
ରିକ୍ତହସ୍ତେ ଭାରତରୁ ଫିରିନାହିଁ ଫେରି—

ଦିଲ୍ଲୀ ସିଂହାସନେ ସେହୁ—
ହୋଇବ ସମ୍ରାଟ—
ଏଥିପାଇଁ ଦେଇଥିଲ—
ଚରମ ଆଦେଶ—"ରାଜା ଜୟଚନ୍ଦ୍ର !
ଦିଲ୍ଲୀ ସିଂହାସନ ଛଡ଼ି—
ରୃ ।ଅ ଗୋସଙ୍କୁ ସୁମରି"—

ବୃଦ୍ଧ ସେନାପତି—(ରାଗରେ ଜର୍ଜରିତ ଓ କଂପମାନ ହୋଇ)
ତା'ପରେ –

ଦୂତ—ରାଠୋର ବଂଶର ଯେତେ –
ମହା ମହା ରଥୀ
ଅସି କରେ ଧରି ସର୍ବେ—
ହୋଇ ଏକତ୍ରିତ
ଆବାଳ, ବୃଦ୍ଧ, ବନିତା—
କଣ୍ଠ ତୋଳି ସର୍ବେ
ଆହତ ଶାର୍ଦ୍ଦୂଳ ପ୍ରାୟେ
ପ୍ରକମ୍ପିତ କରି ନିଜ ଅଙ୍ଗ—
ପ୍ରତିଜ୍ଞା କରିଲେ ଯାରେ—
ଯବନେ ନ ଦେବେ କେବେ ଦିଲ୍ଲୀ ସିଂହାସନ ।
ଶେଷେ ରାଜା ଜୟଚନ୍ଦ୍ର !
ଲେଖି ଚୌହାନଙ୍କୁ—
କରିଲେ ପତ୍ର ପ୍ରେରଣ—
ଜଣକୁ ଜଣକୁ··
ଛମୁଙ୍କ ଦର୍ଶନ ପାଇଁ –
ଶତ୍ରୁ ଅହର୍ନିଶ–

ଘୂରିଲେ ପଲ୍ଲୀ ପ୍ରାନ୍ତରେ—
ଭୁଲି ନିଜ ଜୀବନର ସମସ୍ତ ମମତା—
ଶେଷେ···
ହତୋତ୍ସାହ ହୋଇ ବୀର—
ସାଶ୍ରୁ ନେତ୍ରେ ଧାଇ—
ଅହର୍ନିଶି ଇଷ୍ଟ ଦେବେ—
ସୁମରନ୍ତି ସେଇ —

ବୃଦ୍ଧ ସେନାପତି—ବନ୍ଦକର—
ବନ୍ଦକର ଦୂତ, ତୁମ ଅସାର ପ୍ରଳାପ !
ପଚ୍ଛର ରେ ଜୟଚନ୍ଦ୍ରେ, ପଚ୍ଛର ସାଠୋରେ···
କାହିଁ ଥିଲା ଏଇ ଚିନ୍ତା—
ଯେତେବେଳେ ନିମନ୍ତ୍ରିଲେ କୃତଘ୍ନ ଯବନେ ।
ଏ ଜାତିର ଭାଗ୍ୟାକାଶ—
ବକ୍ର ଧୂମକେତୁ—
ଫେରିଯାଅ—ଫେରିଯାଅ ଦୂତ—
(ପୃଥ୍ୱୀରାଜାଙ୍କ ଛାୟାମୂର୍ତ୍ତି)

ପୃ : ଛା :—ହେ ଅମର୍ଷି !
କୁଳବୃଦ୍ଧ ଖିଷ୍ଣ ମହାମତି !
ତେଜ ମନୁ ଶଙ୍କା—
ଅତୀତରେ ହୋଇଚି ଅତୀତ—
ଶତ୍ରୁ ଯେବେ ଆସିଛି ଦୁଆରେ
କର ଆଗେ ତାର ପ୍ରତିକାର— (ଛାୟା ଅନ୍ତର୍ହିତ)

ବୃଦ୍ଧ ସେନାପତି—ଓଃ ! ( ଛାତିରେ ହାତଦେଇ—ବେଦନାଭରା କଣ୍ଠରେ )

କିଏ ??? କିଏ ରେ ଏଁଗ୍ରସ୍ଥା ? ?
ପୃଥ୍ୱୀରାଜ ! ପୃଥ୍ୱୀରାଜ ! !
ଇଏ ତେବେ ତୁମର ନିର୍ଦ୍ଦେଶ··· ? ?
ଦିଲ୍ଲୀ ସିଂହାସନ ? ?
ନା···ନା···ନା···ନା···
ଅସହ୍ୟ···ଅସହ୍ୟ···ଅସହ୍ୟ···
ଏଇ ଧମନୀରେ ବିନ୍ଦୁ—
ମାତ୍ର ଥାଉଁ ରକ୍ତ—
ଦିଲ୍ଲୀ ରାଣୀ ଚକ୍ଷୁ କେବେ ହୋଇବ ନ ସିକ୍ତ
ଅସଭ୍ୟ···
ଅଚ୍ଛବ···
ସେଇ ଯବନ ସନ୍ତାନେ—
ବସି ନ ପାରିବେ କେବେ ଦିଲ୍ଲୀ ସିଂହାସନେ –
ହେଉ ବରଂ ଦେଶଦ୍ରୋହୀ···
ଜାତିଦ୍ରୋହୀ ରାଜା ଜୟଚନ୍ଦ୍ର !
ଆଜିର ସମରେ ସେହୁ ତୋଳିଅଛି ଅସି···
ଘୃଣ୍ୟ ବିଦେଶୀର ହସ୍ତୁ ରକ୍ଷିବ ଜନନୀ ।
ତେଣୁ ·····
ଯାଅ······
ଯାଅ ଦୂତ ତୁମେ—
ନ କରିଣ ହେଳା—
ଏ ବାର୍ତ୍ତା ଜଣାଅ ସର୍ବ ଚୌହାନ ଶିବିରେ ।
ଏକତ୍ର ହୋଇବେ ସର୍ବେ
ସମର ପ୍ରାଙ୍ଗଣେ—
ଉଦ୍ଧାରିବେ ନିଜ ମାତା—

ଯବନର ରକ୍ତ ଦାନେ—
ନଟେଚନ୍ତୁ—ଭାରତମାତା —
ହୋଇବ ବନ୍ଧନୀ—
ଭାରତର ପୁନ୍ଦ ହେବ—
ଯବନର ଦାସ—
ଯୁଗ ଯୁଗ ଧରି ସର୍ବେ—
ହୋଇବ ଶାସିତ ।
( ଦୂରରୁ ରଣ ଶିଙ୍ଗା, ତୁରୀ ଓ ବୀର କାହାଳୀର ଶବ୍ଦ )
ରହ··· ରହ କ୍ଷଣେ—
ଆରେ ରେ ଯବନ—
ଏ ଶାଣିତ ଦାଢ଼େ ତୁରେ ( ତରବାରୀ ବାହାରକର )
ହୋଇ ଖଣ୍ଡ ଖଣ୍ଡ···
ବଳ ତୁ ପଡ଼ିବୁ ନଷ୍ଟେଁ
ରଣଚଣ୍ଡୀ ଠାରେ—
ଇଷ୍ଟଦେବୀ ସୁମରଣା କରିବାରେ ଆଜ ।

ଦୂତ—ହେ ନାୟକ !
ଥିବାଯାଏ ପ୍ରାଣ —
ଏଇ କ୍ଷୁଦ୍ର ପିଣ୍ଡଠାରେ—
ଭାରତମାତାକୁ କେହି—
ନ କରିବେ ସ୍ପର୍ଶ—
ଠିକ୍···ଠିକ୍···ଠିକ୍ ବଦାରଣ—
ଶବ୍ଦ ଅସ୍ଥି ମଜ୍ଜା—
କଡ଼ କଡ଼···ଦେବାଇବ--
ଶତ୍ରୁର ଶିରକୁ—

କିନ୍ତୁ—
ବନ୍ଦୀ ନ କରିବେ କେହି—
ଭାରତ ମାତାକୁ ।

ବୃଦ୍ଧ ସେନାପତି—ଠିକ୍—
ଠିକ୍......
ଠକ୍......
ମରଣ-ବିଜୟ ଲେଖା—
ଏ କପୋଳେ ମମ—
କିନ୍ତୁ ଖିରୁ ପରି ପଳାୟନ—
ନୁହେଁ କେବେ ଏ ଜାତି ସନ୍ତକ ।
ଚାଲ ଏବେ —
ହୋଇ ଏକ ଠୁଳ—
ବିଜୟ ହୁଙ୍କାର ଭରି—
ଗଗନେ ପବନେ ···
ନିଦାରିବା ଯବନର
ଅସଭ୍ୟ ଭରସ । ( ଉଭୟଙ୍କ ପ୍ରସ୍ଥାନ )

(ଅନ୍ୟପାର୍ଶ୍ୱରୁ କୁତବ୍ ଦଳେ ଅଶ୍ୱାରୋହୀ ସୈନିକ ନେଇ ପ୍ରବେଶ)

କୁତବ୍—ଏଇ ନିଶାର୍ଦ୍ଧେ—
ନ ହେଉ ଶେଷ—
ଦିଲ୍ଲୀ ସିଂହାସନ ହେବ ଆମର ।
ଯାଅ—ଚଳାଅ ଲୁଣ୍ଠନ ସର୍ବେ—
ଦିଲ୍ଲୀ ନଗରୀରେ—
ଲୁଣ୍ଠିତ ହେଲେ ସକଳ

ଆରମ୍ଭିବ ଯୁଦ୍ଧ—
ରକ୍ତର ଖେଳ—
ଜୟଚନ୍ଦ୍ର ସହ, ପରାସ୍ତ ସକଳ ।

୧ମ ରାଜପୁତ—( ପ୍ରବେଶ କରି )
ସୁପ୍ତ ନୁହେଁ ବୀର' ରାଜପୁତ
ହୀନବୀର୍ଯ୍ୟ ବୋଲି—
ଭାବୁ ତୁହି ଭାରତସନ୍ତାନେ !

କୁତବ୍—ବୃଥା !
ସବୁ ଦମ୍ଭ ବୃଥା ! !
ବୃଥା ସବୁ ଟାଣ—
ହାଃ···ହାଃ··· ହାଃ······

୧ମ ରାଜପୁତ—ମିତ୍ର ରୂପେ ନିମନ୍ତ୍ରିତ ହୋଇ
ବିଶ୍ୱାସଘାତକ ତୁମେ
ଯବନ କୁକୁର—

କୁତବ୍—ହାଃ···ହାଃ···ହାଃ··· ··
କ'ଣ ଭୁଲିଗଲ ?
ଭୁଲିଗଲ ଯବନକୁ ?
ଭୁଲିଗଲ ତା'ରଣ କୌଶଳ—
ବଞ୍ଚିବାର ଆଶା ଥିଲେ—
ଫେରିଯାଅ ନିଜ ପ୍ରିୟାପାଶେ—

୧ମ ରାଜପୁତ—ନିମକ୍‌ହାରାମ୍—( ତରବାରି ଉଠାଇବା )
( ଉଭୟଙ୍କ ଭିତରେ ଯୁଦ୍ଧ ଭୀଷଣ ରୂପ ନେବା ବେଳେ
ଜୟଚନ୍ଦ୍ରଙ୍କ ସେନାପତି ପ୍ରବେଶ )

ସେନାପତି—( ଅଟ୍ଟହାସ କରି )
ଠିକ୍... ଠିକ୍ ... ଠିକ୍ ......
ନେଏ ରେ ପରଖ ଥରେ ବିଶ୍ୱାସ ଘାତକ ( କୁତବ୍‌କୁ
ପୃଷ୍ଠଭାଗରୁ ଆକ୍ରମଣ କରିବା )

କୁତବ୍—( ଯୁଦ୍ଧ କରି କରି )
ଯେତେକ କଠୋର !
ତଥାପି ନିର୍ଲଜ୍ଜ ତୁମେ—
ତୁମଠାରୁ ବଳି କେହି—
ନାହିଁ କାପୁରୁଷ—
ତୁମଠାରୁ ବଳି କେହି—
ନୁହେଁ ହୀନବୀର୍ଯ୍ୟ—
ତୁମଠାରୁ ବଳି କେହି
ନୁହେଁ ମିତ୍ରଦ୍ରୋହୀ-
ଯୁଦ୍ଧକ୍ଷେତ୍ର ବାରମ୍ବାର
ଛତ୍ରଭଂଗ ଦେଇ—
ଯଦି ଥରେ ସ୍ୱାର୍ଥ ପାଇଁ
ହେଲ ତୁମେ ଅନ୍ଧ—
ପୃଥ୍ୱୀରାଜେ ନ କରିଣ ଜୟ—
ନିମନ୍ତ୍ରିତ କଲ ସର୍ବେ -
ଘୋରିବଂଶୀ ବୀରେ !
ତାହାହେଲେ—
କୁହ ?
କୁହ ?
କୁହରେ ବିଶ୍ୱାସଘାତି ପଳାତକ ବୀରେ ।

କୁଣ୍ଠିତ କେ— ?
ଆଜ—
ଘୃଣିତ କେ ? ଅନ୍ଧ ସ୍ୱାର୍ଥପର ? ( କହ୍ନକହ୍ନ ପୃଷ୍ଠଭଂଗ ଦେଇ ପଳାୟନ କରିବା ଓ କୁତବ ପଛରେ ପ୍ରଥମ ରାଜପୁତ ଓ ସେନାପତି ଅନୁଧାବନ କରିବା—ତାର କିଛି ସମୟ ପରେ ପ୍ରବେଶ କଲେ

ମହମ୍ମଦ ଘୋରି—(ହସ୍ତରେ ରକ୍ତ ଜର୍ଜରିତ ଶାଣିତ କୃପାଣ)

ମହମ୍ମଦ—କୁତବ୍ !
ଫେରିଯାଅ କେଣେ ? (ଯୁଦ୍ଧ ପ୍ରାଙ୍ଗଣରୁ ମହମ୍ମଦ ଘୋରିଙ୍କ ଜୟଗାନ ଶୁଭିବା—ମହମ୍ମଦ ଘୋରି ଆନନ୍ଦରେ ନୃତ୍ୟ କରିବା — )
ଦିଲ୍ଲୀ ! ଦିଲ୍ଲୀ !! ଦିଲ୍ଲୀ ସିଂହାସନ ମୋର ! ! !
(ଅଟ୍ଟହାସ କରି) ଦିଲ୍ଲୀ ସିଂହାସନ ମୋର ! ! !
(ଜୟଚନ୍ଦ୍ରଙ୍କର ପ୍ରବେଶ)

ଜୟଚନ୍ଦ୍ର—ଦିଲ୍ଲୀ ସିଂହାସନ ଜୟଚନ୍ଦ୍ରର ! ଜୟଚନ୍ଦ୍ରର !
ଆରେ ରେ କୃତଘ୍ନ, ମିତ୍ରଦ୍ରୋହୀ,
ଜାଣିଥିଲେ ନିମନ୍ତ୍ରିତ ହୋଇଥିଲୁ ନ ଥାନ୍ତି—
ଏବେ—
ଜାଣି—ଭୁ···ଭୁ ··· ଭୁ ··· ଭୁ ··· (ରାଗରେ) ଘାତକ···
ଅନାର୍ଯ୍ୟ···ଦାନବ···

ମହମ୍ମଦ—ବେଶ୍··· ବେଶ୍ · ଦିଲ୍ଲୀସିଂହାସନ ଆଜ ମୋର—
କଳ୍ପନାରେ ମସ୍‌ଗୁଲ୍—ହାଃ···ହାଃ·· ହାଃ···ହାଃ···
ଜୟଚନ୍ଦ୍ର ! ଜୟଚନ୍ଦ୍ର ! !

ସମର୍ପିବୁ ସିଂହାସନ ମମକରେ ହାୟ !
ଛୁଟ ଯାଇ ପ୍ରାସାଦ ମଧ୍ୟରେ !

ଜୟଚନ୍ଦ୍ର—ହାଃ...ହାଃ ହାଃ...ହାଃ ..
କି ସାହସ ? କି ସ୍ପର୍ଦ୍ଧା ! କି ଅଭିସନ୍ଧି ? ? ନିମକହାରାମ ଯବନର ? ? ?
ନେ ... ନେ ... ନେ ତୋର ସିଂହାସନ... ( ତରବାରି ଉତ୍ତୋଳନ କରିବା—ଉଭୟଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ଶେଷରେ ରାଜା ଜୟଚନ୍ଦ୍ର ଯୁଦ୍ଧରେ ପରାସ୍ତ ହୋଇ ପଳାୟନ କରିବା )

ମହମ୍ମଦ—ପଳାୟନ ! ! ପଳାୟନ କଲୁ !
ଗର୍ବ ତୋର କରି ଖର୍ବ—
ଶ୍ୱାନ ଅବା ଶୃଗାଳର
ମୁଖେ ହେବୁ ଆଜି ଆହାର ତୁ— ( କହି ଜୟଚନ୍ଦ୍ରଙ୍କର ପ୍ରାଣ୍ଟାରୁ ଧାବନ କରିବା ବେଳେ ବୃଦ୍ଧ ସେନାପତି ଅମର୍ଷିଙ୍କ ପ୍ରବେଶ )

ବୃଦ୍ଧ ସେନାପତି—ଆରେ ରେ ଶାଗୁଣାଶିଶୁ—
ପଳାଉ ତୁ କେଣେ—? ? ?
ଯାଚୁ ଜୟଚନ୍ଦ୍ରେ ମାରୁ କପା—
ପୃଷ୍ଟେ ଅନୁସରି—
କିଂତୁ—
ଆ...ଆ...ଆ ଥରେ...
ଏ ବୃଦ୍ଧ ବାହୁକୁ ମୋର
କର ପରୀକ୍ଷିତ—

ତା' ଉତ୍ତରେ ଚହ୍ଲିବୁ ତୁ—
କ୍ଷତ୍ରିୟ ସନ୍ତାନେ ।
ଅନ୍ୟାୟ ସମରେ ବଧି—
ବୀର ପୃଥ୍ୱୀରାଜ—
ହୀନବୀର୍ଯ୍ୟ ବୋଲି କେବେ
ନ ମଣ ତୁ ରାଜପୁତ ବୀରେ—
ଅନ୍ୟାୟୀ ନୋହୁ ରେ ଆମେ—
ଜାଣୁ ନାହିଁ ଅନ୍ୟାୟ ସମର—
ଭାରତସନ୍ତାନ ଯେତେ—
ନ୍ୟାୟର ପୂଜକ—
ସମ୍ମୁଖ ଯୁଦ୍ଧରେ ଯଦି
ହୋଇବୁ ବିଜୟୀ—
ଗଣ୍ୟ ହେବୁ ଆରେ ଶୂର
ବୀର ମଧ୍ୟେ ତୁହି—

ମହମ୍ମଦ—(ସାମାନ୍ୟ ଗଚ୍ଛକୁ ଚାହିଁ)
ଶୁଣିଲି···ଶୁଣିଲି ତୋର
ବୀରର ହୁଙ୍କାର—
ଫୁଙ୍କି ଦେଲେ ଉଡ଼ିଯିବୁ—
ପବନର ସୁଏ—
ପକ୍ୱକେଶ ବୃଦ୍ଧ !
ହିନ୍ଦୁ ଧର୍ମେ, ବାନପ୍ରସ୍ଥ କର ବେଗେ ଯାଇ—
ତା ନ କରି —
କାହିଁ ବୃଥା ମରଣକୁ—
କରୁଛୁ ବରଣ —

ବୃଦ୍ଧ ସେନାପତି—ମରଣ ! ! ନା…ବିଜୟ ? ?
ଏ ଜାତିର ହସ୍ତେ ଥିଲେ—
ତୀକ୍ଷ୍ଣ ତରବାରୀ—
ଭୟ କେବେ କରେ ନାହିଁ—
କେଶାଗ୍ର ପ୍ରମାଣେ ମରଣକୁ—
ଏଇ ତୋ ଗର୍ବିତ ବକ୍ଷେ—
କରେ ବଜ୍ରାଘାତ ( କହି ସଙ୍ଗେ ସଙ୍ଗେ ଆହତ ଶାର୍ଦ୍ଦୂଳ ପରି ଆକ୍ରମଣ କରିବା — ମହମ୍ମଦ ଘୋରୀ ସମ୍ମୁଖ ଯୁଦ୍ଧରେ ପରାସ୍ତ ହୋଇ ପଳାୟନ କରିବା—ବୃଦ୍ଧ ସେନାପତି ଆହତ ହୋଇ ଯୁଦ୍ଧ ଭୂଇଁରେ ପଡ଼ିରହିବା — )
ଉଃ ! !
ତଥାପି ପଳାୟନ କଲୁ ? ? ?
ରେ ଯବନ ! ! ! ( ରଣ ଭୂଇଁ ପୃଷ୍ଠରୁ ଉଠିବାକୁ ଚେଷ୍ଟା କରିବା )

ଦୂତ— (ବୀରବେଶରେ ପ୍ରବେଶ କରି)
ହେ ବୀର ଶ୍ରେଷ୍ଠ ! ( କୁଣ୍ଢାଇ ପକାଇବା)

ବୃଦ୍ଧ ସେନାପତି —ଶୀଘ୍ର ଯାଅ—
ଯବନ ଧାଇଁଛି ସେହି ଜୟଚନ୍ଦ୍ର ପୃଷ୍ଠେ…
(ଦୂତ ତଡ଼ିତ୍ ବେଗରେ ପ୍ରସ୍ଥାନ କରିବା) (ବୃଦ୍ଧ ସେନାପତି ଶକ୍ତି ସଂଚୟ କରି ମହମ୍ମଦ ଘୋରୀଙ୍କ ସଂଧାନାର୍ଥେ ପ୍ରସ୍ଥାନ)

ଜୟଚନ୍ଦ୍ର—(କ୍ଷତ ବିକ୍ଷତ ହୋଇ ଟଳି ଟଳି ପ୍ରବେଶ କରିବା)
ସହି ପାରିବନି କେବେ —
ଅପମାନ ଆଉ—
ନିର୍ଲଜ୍ଜ ମୁଖ କାହାକୁ—

 ଆ/1927

ଦେଖାଇବ ମୁହଁ ?
ପୃଥ୍ୱୀରାଜ ! ପୃଥ୍ୱୀରାଜ ! ପୃଥ୍ୱୀରାଜ ! (କାନ୍ଦ)
ମୁଁ ଭୁଲ କରିଛି ପୃଥ୍ୱୀରାଜ ! ମୁଁ ଭୁଲ କରିଛି !
ଥାଇ ତୁମେ ଅର୍ଦ୍ଧ ସ୍ୱର୍ଗପରେ—
କ୍ଷମା ଦିଅ ଜୟଚନ୍ଦ୍ରେ···କ୍ଷମା ଦିଅ ଜୟଚନ୍ଦ୍ରେ·
କ୍ଷମାଦିଅ ବାରେ···
ସେଦିନ—
ସେଦିନ ଠିକ୍ କହିଥିଲ ତୁମେ—
"ପବିତ୍ର ଜନ୍ମଭୂମିକୁ ଯବନ ହାତରେ"—
ଦେଇଁ ଆଜ ତୋଳ—
ଭଗ୍ନ ମନୋରଥେ ଯାଉଅଛି ଚଳି—
ଭାରତର ଭାଗ୍ୟରାଣୀ !
ଭାରତର ଲକ୍ଷ୍ମୀ !
ଯବନ ହସ୍ତରେ ଏବେ—
ହୋଇଗଲେ ବନ୍ଦୀ ! ( କାନ୍ଦ କାନ୍ଦ )
ହେବୀର !
ହେ କେଶରୀ !
ହେ ବୀରକେଶରୀ ! ଏ ଜାତିର କଣ୍ଠେ ଦେଇ—
ଅମର ଗୀତିକା—
ଅଜର ଅମର ତୁମେ—
ଯୁଗ ଯୁଗ ପାଇଁ—
ମୁଁ ସିନା କଳଙ୍କ ବୋଲି—
ମାତାର କପୋଳେ—
ସୁବର୍ଣ୍ଣ କଷଟିକୁ ମୁହଁ—

ବନ୍ଧାଇଲ ଯବନ ମସ୍ତକେ—
ଛିଃ... ଛିଃ... ଛିଃ... ଛିଃ...
କି ଲଜ୍ଜା ! ଏ କଳଙ୍କ ନେଇ ଆଉ—
ପାରିବି କି ଜୀଇଁ—
ଗଣ୍ଡ ଜଳେ ବିସର୍ଜିବି—
କଳଙ୍କିତ ଏ ଘୃଣ୍ୟ ଶରୀର—
ତୁମ ପଥେ ଗମିବି ମୁଁ—
ତୁମ ଜୟ ଗୀତ ଗାଇ—
ଦେଖାଅ ଅମର ପଥ—
ହେ ବୀର ଅଗ୍ରଣୀ ! ! !
ବୀରପ୍ରସୂ ଜନନୀ ଗୋ ! ବୀର ପ୍ରସବିନ !
କଳଙ୍କିତ କରିଛି ମୁଁ—ତୋହ ଉଦର—କ୍ଷମା...କ୍ଷମା...
କ୍ଷମା...କ୍ଷମାକର ମାତା ଏଇ—ଅଧମ ସନ୍ତାନେ— (ପ୍ରସ୍ଥାନ)

( ମହମ୍ମଦ ଘୋରୀ ଓ କୁତବ୍ ଉଦ୍ଦିନଙ୍କ ପ୍ରବେଶ )

[ମହମ୍ମଦ ଘୋରୀଙ୍କ ଜୟଗାନ ବାରମ୍ବାର ବିଘୋଷିତ ହେବ।]

ମହମ୍ମଦ—କୁତବ୍ ! ( ଆନନ୍ଦରେ )
ଦିଲ୍ଲୀ ଆଜ ଆମର !

କୁତବ— କି ଦୁର୍ଦ୍ଧଷ ଏଇ ରାଜପୁତ୍
ଧନ୍ୟ—ଧନ୍ୟ ପୃଥ୍ୱୀରାଜ !
ଧନ୍ୟ ହେ ଅମର୍ଷି !
ତୁମେ ଅଜେୟ—ଅଜେୟ...
ମହମ୍ମଦ – କୁତବ୍ !
ଭୁଲିଲି ମୁଁ ଘୋର ଦେଶ ମୁଖେ—

ତୁମେ ମୋର ପୁତ୍ର—
ନୁହେଁ ଅନ୍ୟ କେହି ଭିନ୍ନ—
ଦିଲ୍ଲୀ ଦରବାରେ—
ଏଇ ଦିଲ୍ଲୀ ସିଂହାସନେ—
ହେବ ତୁମେ ଅଧୀଶ୍ୱର—
ଉତ୍‌ଫୁଲ୍ଲ ବଦନେ—
କିନ୍ତୁ ଭାରତର ଇତିହାସବୁକେ—
ବଂଶରହୁ ଯୁଗ ଯୁଗ ପାଇଁ—
ପୃଥ୍ୱୀରାଜ, ଅମର୍ଷି ଓ ସଂଯୁକ୍ତାର
ଗୌରବ କାହାଣୀ—

01772

- ପରଦା -

— ଯବନିକା ପତନ —



ମୁଦ୍ରାକର—ଶ୍ରୀ ଜାନକୀନାଥ ହାଲଦାର, ପାଇଓନିଅର ପ୍ରେସ, କଟକ-୧